ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 21 | 22 - 28 May 2022 | Sambalpur | Page-12 | Invitation Price Rs.10

# ହାଇକୋର୍ଟ ବାର୍ ଆସୋସିଏସନର ବିରୋଧକୁ ନେଇ ତୀବ୍ର ପ୍ରତିକ୍ରିୟା

ସମ୍ବଲପୁର : ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ଦୀର୍ଘ ବର୍ଷ ଧରି ଦାବି ହୋଇ ଆସୁଥିବା ବେଳେ ଏବେ ହାଇକୋର୍ଟ ବାର୍ ଆସୋସିଏଶନ ଏହାକୁ ବିରୋଧ କରିବା ଘଟଣା ଏଠାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ନିକଟରେ ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ କେନ୍ଦ୍ର ଆଇନ ମନ୍ତ୍ରୀ କିରେନ ରିଜିକୁ ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ୨ଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦେଇଥିବା ପ୍ରସ୍ତାବକୁ ନିନ୍ଦା କରାଯାଇଥିଲା । ସମ୍ପ୍ରତି ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ ଦୂରତାକୁ ହ୍ରାସ କରିଛି । ତେଣୁ ଅନ୍ୟ ସ୍ଥାନରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା କେବଳ ଭିତ୍ତିଭୂମି କ୍ଷେତ୍ରରେ ଅର୍ଥ ବ୍ୟୟ କରିବା ଛଡ଼ା ଆଉ କିଛି ନୁହେଁ । ତେଣୁ ଏକ ଆକ୍ସନ କମିଟି ଗଠନ କରାଯାଇ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ସ୍ଥାୟୀ ବେଞ୍ଚ ପ୍ରସ୍ତାବକୁ ମଞ୍ଜୁରୀ ନ ଦେବାକୁ ଅନୁରୋଧ କରାଯିବାକୁ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା ।

ହାଇକୋର୍ଟ ବାର୍ ଆସୋସିଏସନର ଏଭଳି ନିଷ୍ପତ୍ତି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ବିରୋଧୀ ମନୋଭାବକୁ ସୂଚାଉଛି ବୋଲି କୁହାଯାଉଛି । ହାଇକୋର୍ଟ ବାର ଆସୋସିଏସନର ଏଭଳି ନିଷ୍ପତ୍ତିକୁ ସମ୍ବଲପୁର ଜିଲା ଓକିଲ ସଂଘ ନିନ୍ଦା କରିଛି । ହାଇକୋର୍ଟର କେତେଜଣ ମୁଷ୍ଟିମେୟ ଓକିଲଙ୍କ ଏହା ନକାରାତ୍ମକ ମନୋଭାବର ପ୍ରତିଫଳନ ବୋଲି ଜିଲ୍ଲା ସଂଘ ସଭାପତି ସୁରେଶ୍ୱର ମିଶ୍ର କହିଛନ୍ତି । ପୂର୍ବରୁ ରାଜ୍ୟ ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ୫ କୋଟି ଟଙ୍କାର ବଜେଟ ଅନୁମୋଦନ କରିବା ସହ ଆବଶ୍ୟକ ଜମି ଓ ଭିତ୍ତିଭୂମି ଯୋଗାଇ ଦେବାକୁ କେନ୍ଦ୍ରକୁ



ଚିଠି କରିଛନ୍ତି । ଅନ୍ୟପଟେ କେନ୍ଦ୍ର ସରକାର ମଧ ବାରମ୍ବାର ରାଜ୍ୟ ସରକାର ଓ ହାଇକୋର୍ଟକୁ ସ୍ପଷ୍ଟୀକରଣ ମାଗିଛନ୍ତି । ଆଇନ ବିଶାରଦ ଓ ଯଶବନ୍ତ ସିଂ କମିଟି ରିପୋର୍ଟ ଅନୁସାରେ ରାଜ୍ୟରେ ହାଇକୋର୍ଟ ବେଞ୍ଚର ଆବଶ୍ୟକ ରହିଛି । ତେଣୁ ରାଜ୍ୟ ସରକାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଏହା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏଭଳି ପରିସ୍ଥିତିରେ ହାଇକୋର୍ଟ ବାର୍‌ର କେତେଜଣ ଓକିଲ ନିଜ ସ୍ୱାର୍ଥ ଦୃଷ୍ଟିରୁ ଆପତ୍ତି ଓ ବିରୋଧ କରୁଛନ୍ତି । ହେଲେ ରାଜ୍ୟ ଓ କେନ୍ଦ୍ର ସରକାର କାହାରି ଚାପରେ ନ ଆସି ଆଇନଗତ, ପ୍ରକ୍ରିୟା ଶେଷ କରି ଖୁବଶୀଘ୍ର ବେଞ୍ଚ ସ୍ଥାପନ କରନ୍ତୁ ବୋଲି ସୁରେଶ୍ୱର କହିଛନ୍ତି । ସେହିପରି ସମ୍ବଲପୁର ଡେଭଲପମେଣ୍ଟ ଫୋରମ୍ ପକ୍ଷରୁ ମଧ ହାଇକୋର୍ଟ ବାର୍ ଆସୋସିଏସନର ଏହି ନିଷ୍ପତ୍ତିର ନିନ୍ଦା କରାଯାଇଛି । ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ କିଛି ସ୍ୱାର୍ଥବାଦୀ ଗୋଷ୍ଠୀ ସେମାନଙ୍କ ବୃତ୍ତିଗତ ସ୍ୱାର୍ଥରେ ବାଧା ଆସିବା ଆଶଙ୍କା କରି ଉଦ୍ଦେଶ୍ୟ ମୂଳକ ଭାବେ ବିରୋଧ - କରୁଛନ୍ତି ବୋଲି କୋରାପୁଟ ଜିଲ୍ଲା ଓକିଲ ସଂଘ ସମ୍ପାଦକ ମନୋରଞ୍ଜନ ରାଉତରାୟ କହିଛନ୍ତି । ହାଇକୋର୍ଟ କାହା ଚାପରେ ନ ଆସି ସ୍ୱଷ୍ଟ ମତ ରଖିବେ ବୋଲି ଆମର ବିଶ୍ୱାସ । ଅନେକ ବର୍ଷ ହେଲାଣି ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପାଇଁ ଆମେ ଦାବି କରି ଆସୁଛୁ । ଆବଶ୍ୟକ ହେଲେ ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ରାଉତରାୟ କହିଛନ୍ତି । ସେହିପରି ଗଞ୍ଜାମ ଜିଲା ଓକିଲ ସଂଘ ମଧ ହାଇକୋର୍ଟ ବାରର ନିଷ୍ପତ୍ତିକୁ ବିରୋଧ କରିଛି । ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ଥାନ ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଅପରିହାର୍ଯ୍ୟ ହୋଇପଡ଼ିଛି । ଏଥିପାଇଁ ଗଞ୍ଜାମ ଓକିଲ ସଂଘ ଓ ଜିଲା କୋର୍ଟ ପରିସରରେ ସମସ୍ତ ଭିତ୍ତିଭୂମି ରହିଛି । ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଏକ ମାତ୍ର ବିକଳ୍ପ । ଏଣୁ ରାଜ୍ୟ ସରକାର ଅଧିକ ଅବହେଳା ନ କରି ତୁରନ୍ତ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ଗଞ୍ଜାମ ଜିଲ୍ଲା ଓକିଲ ସଂଘ ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀ କହିଛନ୍ତି । ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେଲେ ସଂଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ତ୍ରିପାଠୀ କହିଛନ୍ତି ।

## ଭିଏସ୍‌ଏସ୍‌ୟୁଟି ପ୍ରତି ରାଜ୍ୟ ସରକାରଙ୍କ ଅବହେଳା

ବୁର୍ଲା : ଅନ୍ୟାନ୍ୟ କ୍ଷେତ୍ର ଭଳି ଶିକ୍ଷା କ୍ଷେତ୍ରରେ ମଧ ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାକୁ ଅବହେଳା କରୁଛନ୍ତି । ପ୍ରାୟ ୬ ବର୍ଷ ତଳେ ସମ୍ବଲପୁରରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟକୁ ଆବଶ୍ୟକୀୟ ଅଧାପକ ପଦବୀ ପୂରଣ କରୁ ନ ଥିବା ବେଳେ ୬୬ ବର୍ଷର ପୁରୁଣା ବୈଷୟିକ ଶିକ୍ଷାନୁଷ୍ଠାନ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ପ୍ରତି ଉପେକ୍ଷା କରିଥିବା ଭଳି ସାଂଘାତିକ




ଅଭିଯୋଗ ଆସିଛି ।

ରାଜ୍ୟ ସରକାର ଓୟୁଟିଆର୍‌କୁ ଏକକାଳୀନ ୧୫ଶହ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ)କୁ କିଛି ପଇସା ଦେଇ ନ ଥିବାର ଅଭିଯୋଗ ହୋଇଛି । ରାଜ୍ୟ ସରକାର ଗତ ୨୦୨୦ ମସିହାରେ ସିଇଟିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ସହିତ ଏହା ଓୟୁଟିଆର ନାମରେ ପରିଚିତ ହୋଇଥିଲା । ଏହି ବିଶ୍ୱବିଦ୍ୟାଳୟକୁ ୫ ବର୍ଷରେ ବିନିଯୋଗ କରିବା ପାଇଁ ଏକସଂଗରେ ୧୫୦୦ କୋଟି ଟଙ୍କା ଅନୁଦାନ ରାଶି ମଂଜୁର କରୁଛନ୍ତି । କିନ୍ତୁ, ୨୦୦୯ ମସିହାରେ ୟୁସିଇରୁ ଭିସୁଟରେ ପରିଣତ ହୋଇଥିବା ଏହି ବୈଷୟିକ ବିଶ୍ୱ-ବିଦ୍ୟାଳୟକୁ କୌଣସି ଅନୁଦାନ ଦେଇ ନାହାନ୍ତି ।

୧୯୫୬ ମସିହାରେ ଓଡ଼ିଶାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଏହି ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ଇତିମଧରେ ଭିସୁଟ୍ ୪୦ ହଜାରରୁ ଅଧିକ ପ୍ରତିଭାବାନ ଯନ୍ତ୍ରୀ ତିଆରି କରିପାରିଛି । ଓଡ଼ିଶାର ଏକମାତ୍ର ସରକାରୀ ବୈଷୟିକ ଅନୁଷ୍ଠାନ ଭାବରେ ଭିସୁଟ୍ ଜାତୀୟ ସ୍ତରରେ ୧୧୬ ନମ୍ବରରେ ସ୍ଥାନିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛି । ମାତ୍ର ୧୨ ଶହ ଛାତ୍ରଛାତ୍ରୀରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ଏବେ ପ୍ରାୟ ୬ ହଜାର ଜଣ ଛାତ୍ରଛାତ୍ରୀ ୧୨ଟି ବିଭାଗରେ ସ୍ନାତକ, ୨୨ଟି ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ଅଧ୍ୟୟନରତ । ତେବେ, ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ସମୟରେ ନିର୍ମିତ ଶ୍ରେଣୀକକ୍ଷ, ପରୀକ୍ଷାଗାର, ଛାତ୍ରାବାସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇ ବର୍ଷାଦିନେ ପାଣି ମଧ ଗଳୁଛି । ପରୀକ୍ଷାଗାରରେ ପୁରାତନ ଯନ୍ତ୍ରପାତିରେ ପାଠ ପଢ଼ାଯାଉଛି । ଗବେଷଣା ପାଇଁ ଉନ୍ନତ ମାନର ଯନ୍ତ୍ରପାତି ମଧ ନାହିଁ । ଛାତ୍ରାବାସ ଅଭାବରୁ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏକାଠି ରହିବା ପାଇଁ ବାଧ କରାଯାଉଛି । ଅନବରତ ବିଦ୍ୟୁତ ଯୋଗାଣ ପାଇଁ ମଧ କୌଣସି ବ୍ୟବସ୍ଥା ନାହିଁ । ବିଜୁଳି ଚାଲିଗଲେ ଛାତ୍ରଛାତ୍ରୀ ଅନ୍ଧାରରେ ରହିବାକୁ ବାଧ ହେଉଛନ୍ତି । ୧୨୦୦ ଛାତ୍ରଛାତ୍ରୀ ଥିବାବେଳେ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଯେତିକି ଷ୍ଟାଫ କ୍ୱାର୍ଟର୍ସ ଥିଲା ଆଜି ମଧ ସେତିକି ରହିଛି । ଏମ୍.ଟେକ୍ ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ସୁବିଧା ମଧ ନାହିଁ । ତଥାପି ଅନୁଷ୍ଠାନର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଭିସୁଟ ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠା କରିପାରିଛି । ଇସ୍ରୋର ଏକ ଶାଖା ଖୋଲିବା ଦେଶରେ ଏହି ଅନୁଷ୍ଠାନର ଗୌରବ ବଢ଼ାଇଛି । ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍'ରେ ମଧ ଏହାର ପ୍ରଶଂସା କରିଛନ୍ତି । ଭିସୁଟ ଏସ୍‌ଏଲଭି ଦେଶରେ ଆଦୃତ ହୋଇଛି । ଆଇଡିଆ ଓ ଇନୋଭେସନ ସେଲର ଛାତ୍ରଛାତ୍ରୀମାନେ ଭାରତର ବିଭିନ୍ନ ବଡ଼ ବଡ଼ ବୈଷୟିକ ଅନୁଷ୍ଠାନକୁ ପଛରେ ପକାଇ ଜାତୀୟ ସ୍ତରରେ ପୁରସ୍କୃତ ହୋଇ ଅନୁଷ୍ଠାନ ତଥା ଓଡ଼ିଶାକୁ ଗୌରାବାନ୍ୱିତ କରିଛନ୍ତି ।

## ଲଜପତ ରାୟ ଆଇନ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦାବି

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟର କନଷ୍ଟିଚ୍ୟୁଏଣ୍ଟ କଲେଜ ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ କ୍ରମାଗତ ଅବହେଳା ଏବଂ ଚଳିତମାସ ପ୍ରଥମ ସପ୍ତାହରେ ମହାବିଦ୍ୟାଳୟ ପାଣ୍ଠିରୁ ୬୩ ଲକ୍ଷ ଟଙ୍କା ବିଶ୍ୱବିଦ୍ୟାଳୟ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବାପରେ ପୁଣି ଲଜପତ ରାୟ ଆଇନ ମହାବିଦ୍ୟାଳୟ ମାନ୍ୟତା ସକାଶେ ଦାବି ଉଠିଛି । ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ଓକିଲ ସଂଘର କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବ ଗୃହୀତ ହୋଇଛି । ଗତ ୨୦୨୧ ମସିହା ଏପ୍ରିଲ ୨୮ ତାରିଖ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟକୁ ପରିବର୍ତ୍ତିତ ହେବାସହ କନଷ୍ଟିଚ୍ୟୁଏଣ୍ଟ କଲେଜ ବ୍ୟତୀତ ସମସ୍ତ ସରକାରୀ ଓ ଘରୋଇ ଆଇନ ମହା-ବିଦ୍ୟାଳୟ ତାହାସହ ଅନୁବନ୍ଧିତ ହୋଇଥିଲା । ସେତେବେଳେ ଲଜପତ ରାୟ ଆଇନ ମହାବିଦ୍ୟାଳୟକୁ ଆଇନ ବିଶ୍ୱବିଦ୍ୟାଳୟ ମାନ୍ୟତା ସହ ପଶ୍ଚିମ ଓଡ଼ିଶାର ସମସ୍ତ ଆଇନ ମହାବିଦ୍ୟାଳୟ ଏଥିରେ ଅନୁବନ୍ଧିତ କରିବାକୁ ଦାବି ହୋଇଥିଲା । ପଶ୍ଚିମ ଓଡ଼ିଶାର ସମସ୍ତ ଆଇନ ମହାବିଦ୍ୟାଳୟକୁ ଅଧିନକୁ ନେଇ ଲଜପତ ରାୟ ଆଇନ ବିଶ୍ୱବିଦ୍ୟାଳୟ ଗଠନ କରିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି । ଏହି ମହାବିଦ୍ୟାଳୟ ରାଜ୍ୟର ପୁରାତନ ଏବଂ ଦ୍ୱିତୀୟ ସର୍ବବୃହତ୍ ଆଇନ ମହାବିଦ୍ୟାଳୟ ଯାହାକି ଅଞ୍ଚଳରୁ ବହୁ ପ୍ରତିଷ୍ଠିତ ଆଇନ ବିଶେଷଜ୍ଞ ଓ ଆଇନଜୀବୀ ପ୍ରସ୍ତୁତ କରିଛି ।



ମହାବିଦ୍ୟାଳୟର କନଷ୍ଟିଚୁଏଣ୍ଟ ମାନ୍ୟତା ଏହାର ବିକାଶ ପାଇଁ ବାଧକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଆର୍ଥିକ ଓ ଏକାଡେମିକ କର୍ମଚାରୀ ସହ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ବିକାଶରେ ସହାୟକ ହେବ । ବିଶ୍ୱ-ବିଦ୍ୟାଳୟ ଗଠନ ଦ୍ୱାରା ପଶ୍ଚିମ ଓଡ଼ିଶାରେ ଛାତ୍ରଛାତ୍ରୀ ଗୁଣାତ୍ମକ ଆଇନ ଶିକ୍ଷା ଲାଭ କରିପାରିବେ ଏବଂ ଏକାଡେମିକ ଉତ୍କର୍ଷ କରିବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଲଜପତ ରାୟ ଆଇନ ମହାବିଦ୍ୟାଳୟର ପାଣ୍ଠି ବିଶ୍ୱବିଦ୍ୟାଳୟ ଆକାଉଣ୍ଟକୁ ସ୍ଥାନାନ୍ତରିତ ଏବଂ ବର୍ତ୍ତମାନର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । (ଅବଶିଷ୍ଟାଂଶ ୧୧ ପୃଷ୍ଠାରେ)

## ଏ ସଂଖ୍ୟାରେ..


କ୍ୟାନସର ଦୂର କରିବ ସୋରିଷ ଶାଗ


ସୁସ୍ଥ ଶରୀର ପାଇଁ ମହୁ


ଉପକାରୀ ପୋଦିନା


ଔଷଧୀୟ ବେଲ


ଗୋଲମରିଚର ଉପକାରିତା

# ପ୍ରସିଦ୍ଧ ଶୀତଳଷଷ୍ଠୀ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ

ସମ୍ବଲପୁର : ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହରର ସମସ୍ତ ଷଷ୍ଠୀ କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ । କରୋନା ପାଇଁ ଦୁଇବର୍ଷ ଶୀତଳ ଷଷ୍ଠୀ ଯାତ୍ରା ପାଳନ ହୋଇ ପାରି ନ ଥିଲା । ତେଣୁ ଚଳିତ ବର୍ଷ ଧୁମଧାମରେ ପାଳନ କରିବାକୁ କମିଟିଗୁଡ଼ିକ ପ୍ରସ୍ତୁତି ଚଳାଇଛନ୍ତି । ମେ ୩୧ ତାରିଖରେ ପତରପେଣ୍ଡି ଠାରୁ ଆରମ୍ଭ ହୋଇ ଜୁନ ୬ ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ । ସେଥିପାଇଁ ଜିଲ୍ଲା ପ୍ରଶାସନ ସହ ଷଷ୍ଠୀ କମିଟି ଗୁଡ଼ିକ ସମନ୍ୱୟ ରକ୍ଷାକରି ଯାତ୍ରା କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି ।

ଚଳିତ ବର୍ଷ ଷଷ୍ଠୀ ଯାତ୍ରା ବେଳେ ନିଶା କାରବାର, ନିଶା ସେବନକାରୀଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି । ଯାତ୍ରା ତିନିଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଅବକାରୀ ବିଭାଗ ସୂଚନା ଦେଇଥିବା ବେଳେ ପଡ଼ା ପଡ଼ାରେ ବିକ୍ରି ହେଉଥିବା ଦେଶୀମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଧରପଗଡ଼ ଜୋରଦାର ହେବ ବୋଲି କୁହାଯାଇଛି । ସେହିପରି ପୁଲିସ ପକ୍ଷରୁ କୋରେକ୍ସ, ଗଞ୍ଜେଇ ଓ ଅନ୍ୟାନ୍ୟ ନିଶା କାରବାର ଉପରେ ରୋକ ଲଗାଇବାକୁ ସାଧା ପୋଷାକଧାରୀ ମୁତୟନ ହେବେ । ଷଷ୍ଠୀ ବେଳେ ପ୍ରବଳ ଭିଡ଼ ହେବାକୁ ଥିବାରୁ ଏହି ସମୟରେ ସହରର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ଡ୍ରେନ୍ ସଫେଇ, ଆବର୍ଜନା ଉଠାଇବା, ପବ୍ଲିକ୍ ଟଏଲେଟ୍, ମୋବାଇଲ୍ ଟଏଲେଟ ଆଦି କାର୍ଯ୍ୟକ୍ଷମ ପାଇଁ କମିଟି ଗୁଡ଼ିକ ଦାବି କରିଥିଲେ । ଏସ୍ଏମସି ପକ୍ଷରୁ ଯାତ୍ରା ପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ନୋଡ଼ାଲ ଅଫିସର ନିଯୁକ୍ତି କରାଯିବ ବୋଲି କମିଶନର କହିଛନ୍ତି ।

ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବାରୁ ପାଣି ଯୋଗାଣ ଆଉ ଏକ ସମସ୍ୟା ବୋଲି କମିଟି ଗୁଡ଼ିକ କହିଥିଲେ । ଠିକ ସମୟରେ ଓ ପର୍ଯ୍ୟାପ୍ତ ପାଣି ଯୋଗାଣ ପାଇଁ ଦାବି କରିଥିଲେ । ଯାତ୍ରା ସମୟରେ ଅଧିକ ଲୋକଙ୍କ ଆଗମନ ହେବାକୁଥିବାରୁ ପାଣି ଯୋଗାଣ ବୃଦ୍ଧି କରିବାକୁ ଦାବି କରାଯାଇଥିଲା । ବାରମ୍ବାର ବିଦ୍ୟୁତ କାଟ ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ହୋଇଥିବା ବେଳେ ଷଷ୍ଠୀ ଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପ୍ରଦାନ ନିଶ୍ଚିତ କରିବାକୁ ଦାବି କରାଯାଇଥିଲା । ଟିପିଡବ୍ଲ୍ୟୁଓଡ଼ିଏଲ ଅଧିକାରୀମାନେ ଗ୍ରାହକଙ୍କୁ ଉତ୍ତମ ଓ ଉଚିତ ସେବା ଯୋଗାଇବାରେ ବିଫଳ ହେଉଥିବାରୁ ଏହାକୁ ନେଇ କମିଟିର ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ତେଣୁ ଯାତ୍ରା ବେଳେ ବ୍ୟବସ୍ଥିତ ଢଙ୍ଗରେ ଓ ଲୋକଙ୍କ ଆବଶ୍ୟକତାକୁ ଦେଖି ବିଦ୍ୟୁତ ଯୋଗାଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ଫାଷ୍ଟ, ଏଡ୍ ସେବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିୟୋଜିତ ରହିବେ । ପିଡବ୍ଲୁଡି ପକ୍ଷରୁ ରାସ୍ତା ନିର୍ମାଣକୁ ନିଶ୍ଚିତ କରାଯିବ । ଯୋଗାଣ ବିଭାଗ, ଅଗ୍ନିଶମ ବିଭାଗ, ପରିବହନ ବିଭାଗ ଆର୍ଡବ୍ଲ୍ୟୁଏସଏସ୍, ଦୂରଦର୍ଶନ, ସହ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗ ନିଜ ନଜର ଦାୟିତ୍ୱ ଠିକ୍ ଭାବରେ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ବୈଠକରେ ଏସ.ପି ବି. ଗଙ୍ଗାଧର, ପି.ଡ଼ି.ଡି.ଆର.ଡି.ଏ ଦିଲ୍ଲୀପ କୁମାର ବଳ, ମହାନଗର କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ଅଜମର ମହାନ୍ତି, ଉପଜିଲ୍ଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ, ସିଡ଼ିଏମଓ ଏ କେ ଦାଶ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ଇବ୍‌ରେ ଆନିକଟ ପାଇଁ ୪୪୭ କୋଟି

ସୁନ୍ଦରଗଡ଼ : ଜିଲ୍ଲାର କୋପସିଙ୍ଗା ଗ୍ରାମ ନିକଟରେ ଇବ୍ ନଦୀରେ ଏକ ଆନିକଟ ସେତୁ ନିର୍ମାଣ ହେବାର ପ୍ରସ୍ତାବ ରହିଛି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୧୫୨କୋଟି ୨୦ଲକ୍ଷ ଏବଂ ୫ବର୍ଷର ରକ୍ଷଣା ବେକ୍ଷଣ ପାଇଁ ୮୦ଲକ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ପ୍ରକଳ୍ପଟି ୩୦ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଉକ୍ତ ପ୍ରକଳ୍ପରେ ଜଳଗର୍ଭସ୍ଥ ଯାନ୍ତ୍ରିକ କାର୍ଯ୍ୟ, ଶକ୍ତି ସଂଯୋଗୀକରଣ ତଥା ପ୍ରକଳ୍ପ ନିର୍ମାଣ ପରେ ଆସନ୍ତା ୫ବର୍ଷ ବା ୫ଟି ବନ୍ୟା ଋତୁ, ଯେଉଁଟି ଅଧିକ ସେହି ସମୟ ପର୍ଯ୍ୟନ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ଟାଙ୍ଗରପାଲି ଓ ସଦର ବ୍ଲକର ୧୪ଟି ଗ୍ରାମର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ହେବ । ଏହାବାଦ୍ ଜଳାଶୟଟି ସ୍ଥାନୀୟ ଲୋକଙ୍କର ଚାଷ କାର୍ଯ୍ୟ, ଶିଳ୍ପ, ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବା ସହ ୩୧୭.୭୦ହେକ୍ଟର ପରିମିତ ଅଞ୍ଚଳରେ ମାଛ ଚାଷ ନିମନ୍ତେ ସହାୟକ ହେବ । ସେହିପରି ଆଉ ଏକ ଆନିକଟ ପ୍ରକଳ୍ପ ସେହି ଇବ୍ ନଦୀରେ ଜିଲ୍ଲାର କୁତ୍ରାବଗା ଗ୍ରାମ ନିକଟରେ ହେବ । ଏଥିପାଇଁ ୧୬୨କୋଟି ଖର୍ଚ୍ଚ ହେବାକୁ ଥିବା ବେଳେ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ପାଇଁ ୯୦ଲକ୍ଷ ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ କରିଛି । ଏହା ବି ୩୦ମାସରେ ଶେଷ ହେବ । ଏହି ପ୍ରକଳ୍ପ ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାର ଟାଙ୍ଗରାପାଲି, ଲେଫ୍ରିପଡ଼ା, ବାଲିଶଙ୍କରା ଓ ସଦର ବ୍ଲକର ଲୋକମାନଙ୍କର ପାନୀୟ ଜଳ ଓ ଘରୋଇ ବ୍ୟବହାର ନିମନ୍ତେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ହେବ । ଏହି ଜଳାଶୟ ଦ୍ୱାରା ୬୨.୫୦ ହେକ୍ଟର ଅଞ୍ଚଳରେ ମାଛ ଚାଷ ହୋଇ ପାରିବ ।

# ବଡ଼ମାଲ ଥାନାରେ ରକ୍ତଦାନ ଶିବିର

ଝାରସୁଗୁଡ଼ା : ଜିଲା ପୁଲିସ ପକ୍ଷରୁ ବଡ଼ମାଲ ଥାନା ପରିସରରେ ଅନୁଷ୍ଠିତ ମେଗା ରକ୍ତଦାନ ଶିବିରରେ ୧୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରି ସର୍ବ ପ୍ରଥମେ ରକ୍ତଦାନ କରି ରକ୍ତଦାନ ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏସଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଅଧିକାରୀ ସାବିତ୍ରୀ ବଳ, ଲଇକେରା ଥାନା ଅଧିକାରୀ ପ୍ରବୀର ତ୍ରିପାଠୀଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ରକ୍ତଦାନ କରିଥିଲେ ।

# ଗଙ୍ଗାଧର ମେହେର ଉଠା ଜଳସେଚନର ଟେଣ୍ଡର ଅନୁମୋଦନ

ବରଗଡ଼ : ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ (ଅତିରିକ୍ତ ଆୟକଟ) ପାଇଁ ଆହ୍ୱାନ ହୋଇଥିବା ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ – କରିଛି । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପାଇଁ ୧୮୫କୋଟି ୪୫ଲକ୍ଷ ୨ହଜାର ୬୫୦ଟଙ୍କା ଖର୍ଚ୍ଚ ହେବ ଓ କାମ ୨୪ ମାସରେ ଶେଷ ହେବ । ପ୍ରକଳ୍ପ ନିର୍ମାଣ, ଦ୍ୱାରା ୫୭୫୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଯିବା ସହ ବରଗଡ଼ ଜିଲ୍ଲାର ୧୨ଟି ଗ୍ରାମର ଲୋକ ଉପକୃତ ହେବେ । ହୀରାକୁଦ ସେଚାଞ୍ଚଳ ଅନ୍ତର୍ଗତ ବରଗଡ଼ ମୁଖ୍ୟ କେନାଲର ଆରମ୍ଭରୁ ୮୪.୨୭୭କିମି ପର୍ଯ୍ୟନ୍ତ ପୁନରୁଦ୍ଧାର ଓ ପୁନର୍ବିନ୍ୟାସ ପ୍ରକଳ୍ପରେ ୨୫କିମି ପର୍ଯ୍ୟନ୍ତ କଂକ୍ରିଟକରଣ ପାଇଁ ଆହ୍ୱାନ ହୋଇଥିବା ଟେଣ୍ଡରକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ ପାଇଁ ୧୬୦କୋଟି ୩୩ଲକ୍ଷ ୪ହଜାର ୬୦୩ଟଙ୍କା ଖର୍ଚ୍ଚ ହେବ । ପ୍ରକଳ୍ପ କାମ ୨ବର୍ଷରେ ଶେଷ ହେବ । ଏହି ପ୍ରକଳ୍ପ ହେଲେ ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀରର ଖରିଫ ଋତୁରେ ୧ଲକ୍ଷ ୩୦ହଜାର ୨୩୫ ହେକ୍ଟର ଚାଷ ଜମି ଏବଂ ରବି ଋତୁରେ ୯୮,୯୫୮ ହେକ୍ଟର ଚାଷ ଜମିକୁ ଜଳ ଯୋଗାଣ ହୋଇ ପାରିବ ।

# ଏନଟିପିସି ପକ୍ଷରୁ ବାଳିକା ସଶକ୍ତିକରଣ ମିଶନ ଉଦ୍‌ଘାଟିତ

ସୁନ୍ଦରଗଡ଼ : ଏନଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତିକରଣ ମିଶନ-୨୦୨୨ ଉଦଘାଟିତ ହୋଇଛି । ଏହି ଅବସରରେ ଆୟୋଜିତ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏସପି ସାଗରିକା ନାଥ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଏନଟିପିସି ଦର୍ଲିପାଲିର ଜିଜିଏମ ଏହି କର୍ମଶାଳାର ଆବଶ୍ୟକତା ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ପ୍ରକଳ୍ପର ଆଖପାଖ ଦର୍ଲିପାଲି, ରାଏଡିହି, ଓ ଲଇକେରା ଅଞ୍ଚଳର ପ୍ରଥମ ବ୍ୟାଚର ୪୦ ବାଳିକାଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରାୟ ୪ସପ୍ତାହ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ବିଶେଷକରି ବାଳିକାଙ୍କର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି ।

# ଶିଳ୍ପୋଦ୍ୟୋଗୀଙ୍କୁ ଡି.ଲିଟ୍ ପ୍ରଦାନ ପ୍ରସଙ୍ଗ: ପ୍ରତ୍ୟାହାର ପାଇଁ ଦାବି ତେଜୁଛି

ସମ୍ବଲପୁର : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଶିଳ୍ପୋଦ୍ୟୋଗୀ ସୁଭାଷ ଚନ୍ଦ୍ର ଗୁପ୍ତାଙ୍କୁ ପ୍ରଦତ୍ତ ସମ୍ମାନ ସୂଚକ ଡି.ଲିଟ୍ ପ୍ରତ୍ୟାହାର ଦାବି ଦିନକୁ ଦିନ ତେଜିବାରେ ଲାଗିଛି । କେବଳ ସେତିକି ନୁହେଁ, ବେନିୟମ ଭାବେ ଶ୍ରୀ ଗୁପ୍ତାଙ୍କୁ ଏହି ଉପାଧି ଦେଇଥିବା କାରଣରୁ ଦାୟିତ୍ୱ ନେବା ପରଠାରୁ ବିଭିନ୍ନ କାରଣରୁ ବିବାଦ ଘେରରେ ରହିଥିବା ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି । ସମ୍ବଲପୁର ଜିଲ୍ଲାର ବିଭିନ୍ନ ସଂଗଠନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ମାନେ ମିଳିତ ଭାବେ ଏନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଅତୀତରେ ପଶ୍ଚିମ ଓଡ଼ିଶାର ସୁଯୋଗ୍ୟ ସନ୍ତାନ ଡାକ୍ତର ରାମପ୍ରସାଦ ମିଶ୍ର, ବିଘ୍ନରାଜ ପଟେଲ, ବନମାଳୀ ବାବୁଙ୍କ ଭଳି ବ୍ୟକ୍ତିତ୍ୱଙ୍କ ନାମ ଡି.ଲିଟ୍ ପାଇଁ ସିଣ୍ଡିକେଟ୍ ସୁପାରିଶ କରିଥିବା ବେଳେ କୁଳାଧିପତିଙ୍କ ସ୍ୱୀକୃତି ମିଳିପାରି ନ ଥିଲା । ତେବେ, ସୁଭାଷ ଚନ୍ଦ୍ର ଗୁପ୍ତାଙ୍କ ଭଳି ଜଣେ ସାଧାରଣ ଶିଳ୍ପୋଦ୍ୟୋଗୀଙ୍କୁ ଡି.ଲିଟ୍ ପ୍ରଦାନକୁ ସମ୍ବଲପୁର ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରି ପାରି ନାହାନ୍ତି । ଶ୍ରୀ ଗୁପ୍ତାଙ୍କ ଯେଉଁ ଅଂଚଳର ବାସିନ୍ଦା ସେଇ ଅଞ୍ଚଳର ଆଖପାଖରେ ୪/୫ଟି ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ସେସବୁ ବିଶ୍ୱବିଦ୍ୟାଳୟ ତାଙ୍କୁ ଡି.ଲିଟ୍ ପ୍ରଦାନ ପାଇଁ ଯୋଗ୍ୟ ଭାବିନାହାନ୍ତି । ଏପରି ସ୍ଥଳେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କେଉଁ ଆଧାରରେ ତାଙ୍କୁ ଡି.ଲିଟ୍ ପ୍ରଦାନ କଲା, ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏଥିସହିତ, ଏଥିରେ କିଛି ଅନିୟମିତତା ହୋଇଥିବା ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । କୁଳାଧିପତିଙ୍କୁ ପ୍ରଦତ୍ତ ଦାବିପତ୍ରରେ ବୁଦ୍ଧିଜୀବୀମାନେ ଦର୍ଶାଇଛନ୍ତି ଯେ, ବିଶ୍ୱବିଦ୍ୟାଳୟର ଷ୍ଟେଚ୍ୟୁଟ୍‌ରେ ଖୋଲାଖୋଲି ଉଲଂଘନ କରାଯାଇଛି । ବିଶ୍ୱବିଦ୍ୟାଳୟର ଷ୍ଟେଚ୍ୟୁଟ୍ ଅନୁସାରେ ବିଶିଷ୍ଟ ବ୍ୟକ୍ତି ହୋଇଥିଲେ କିମ୍ବା ଶିକ୍ଷାକ୍ଷେତ୍ରରେ ବିଶେଷ ଅବଦାନ ଥିବା ବ୍ୟକ୍ତି ଡି.ଲିଟ୍ ଉପାଧି ପ୍ରଦାନ କରାଯାଇ ପାରିବ । ଶ୍ରୀ ଗୁପ୍ତା କିନ୍ତୁ ସେଭଳି କିଛି ନୁହନ୍ତି । ପୁଣି ସିଣ୍ଡିକେଟ୍ ବୈଠକରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ଉପସ୍ଥିତିରେ ଡି.ଲିଟ୍ ପ୍ରଦାନ ସଂପର୍କିତ ପ୍ରସ୍ତାବ ପାରିତ ହୋଇଥିଲେ, ତାହାକୁ କୁଳାଧିପତିଙ୍କ ପାଖକୁ ସୁପାରିଶ କରାଯିବାର ନିୟମ ରହିଛି । ଗତ ୯ ଏପ୍ରିଲରେ ଅନୁଷ୍ଠିତ ସିଣ୍ଡିକେଟ ବୈଠକରେ ଶ୍ରୀ ଗୁପ୍ତାଙ୍କୁ ଡି.ଲିଟ୍ ପ୍ରଦାନ ସଂପର୍କିତ ଏଜେଣ୍ଡା ବି ନ ଥିଲା କି ଏ ନେଇ କୌଣସି ଆଲୋଚନା ବି ହୋଇ ନ ଥିଲା । ପୁଣି, କେଉଁ ସିଣ୍ଡିକେଟ୍ ବୈଠକରେ ଶ୍ରୀ ଗୁପ୍ତାଙ୍କ ନାମ ସୁପାରିଶ କରାଯାଇଛି, ତାହା ବି ଅସ୍ପଷ୍ଟ । ଏହି ସଂପୂର୍ଣ୍ଣ ପ୍ରସଙ୍ଗରେ କୌଣସି ସ୍ୱଚ୍ଛତା ନାହିଁ । ଏହା କେବଳ ଜଣେ ବ୍ୟକ୍ତିଙ୍କୁ ଡି.ଲିଟ୍ ପ୍ରଦାନ ପ୍ରସଙ୍ଗ ନୁହେଁ, ବିଶ୍ୱବିଦ୍ୟାଳୟର ପ୍ରଚଳିତ ନୀତିନିୟମ ସହିତ ସମଗ୍ର ପ୍ରକ୍ରିୟାର ବି ଉଲଂଘନ ହୋଇଛି । ବିଶ୍ୱବିଦ୍ୟାଳୟ ପରିଚାଳନା ନିମନ୍ତେ ଥିବା କୁଳପତିଙ୍କ ମାର୍ଗଦର୍ଶିକାର ବି ଉଲଂଘନ କରାଯାଇଛି ବୋଲି ଦାବିପତ୍ରରେ କୁହାଯାଇଛି ।

ଏହାକୁ ଦୃଷ୍ଟିରେ ରଖି ଶ୍ରୀ ଗୁପ୍ତାଙ୍କୁ ପ୍ରଦତ୍ତ ଡି.ଲିଟ୍ ତୁରନ୍ତ ବାତିଲ କରିବା ଏବଂ କୁଳପତି ପ୍ରଫେସର ମିତ୍ତଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ସମ୍ବଲପୁର ଡେଭଲପମେଣ୍ଟ ଫୋରମ୍‌ର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପୂର୍ବତନ ସାଂସଦ ଭବାନୀଶଙ୍କର ହୋତା, ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସଭାପତି ସୁରେଶ୍ୱର ମିଶ୍ର, ଶିକ୍ଷାବିତ ପ୍ରଫେସର ଶଙ୍କର ପ୍ରସାଦ ପତି, ରାଜେନ୍ଦ୍ର ପଣ୍ଡା, ଓଡ଼ିଶା ସାଂସ୍କୃତିକ ସମାଜର ପୂର୍ବତନ ସଭାପତି ପ୍ରଫୁଲ୍ଲ ହୋତା ଓ 'ତ୍ୟାଗ'ର ସଭାପତି ଦୁର୍ଗା ପାଢ଼ୀ ପ୍ରମୁଖ ମିଳିତ ଭାବେ ଦାବି କରିଛନ୍ତି ।

# ଭାଗବତ

## ଉଦ୍ଧବ ଓ ଶ୍ରୀକୃଷ୍ଣ

**ପ୍ର**ଭୁ ଅନେକ ଦିନ ହେବ ପୃଥିବୀରେ ରହି ଯାଇଛନ୍ତି । ଦେବତା, ବ୍ରାହ୍ମଣ ଓ ଧେନୁଙ୍କ ପ୍ରାର୍ଥନାରେ ପ୍ରଭୁ ମର୍ତ୍ତ୍ୟମଣ୍ଡଳକୁ ଆଗମନ କରିଛନ୍ତି । ଆଉ ଏବେ ସେହି ଦେବତାମାନେ ପ୍ରାର୍ଥନା କରିବାରେ ଲାଗିଲେ, ପ୍ରଭୁ ଆପଣ ଏଥର ସ୍ୱାଧାମକୁ ପ୍ରତ୍ୟାବର୍ତ୍ତନ କରନ୍ତୁ ।' ପ୍ରଭୁ ତ ଆଗରୁ ପ୍ରସ୍ତୁତ ହେଉଥିଲେ ।

ଏପରି ସମୟରେ ଦ୍ୱାରିକାରେ ନାନା ପ୍ରକାର ଅପଶକୁନ ଦୃଶ୍ୟ ହେବାରେ ଲାଗିଲା । ପ୍ରଜାକୁଳ ଭୟଭୀତ ହେବାରେ ଲାଗିଲେ । ପ୍ରଜାମାନଙ୍କ ମଧରୁ ବୃଦ୍ଧ ଓ ସମ୍ମାନନୀୟ ବ୍ୟକ୍ତିମାନେ ସୁଧର୍ମା ସଭାରେ ଉପସ୍ଥିତ ହୋଇ ପ୍ରଭୁଙ୍କୁ କହିଲେ, ''ପ୍ରଭୁ ! ଏଠାରେ ଆଉ ଅଧିକ କାଳ ରହିବା ଠିକ୍ ନୁହେଁ । ପ୍ରତ୍ୟହ ନୂତନ ନୂତନ ଉପଦ୍ରବ ଦେଖା ଦେଇଛି । ଏହାର ପ୍ରତିକାର ଆମେ ଜାଣିପାରୁ ନାହୁଁ ।

ଭଗବାନ କହିଲେ, ଦ୍ୱାରିକାକୁ ଋଷିମାନେ ଅଭିଶାପ ଦେଇଛନ୍ତି । ବ୍ରାହ୍ମଣ ଓ ଋଷିଙ୍କ ବାକ୍ୟ କଦାପି ଅନ୍ୟଥା ହେବାର ନୁହେଁ । ଆମେ ଆଜି ହିଁ ଦ୍ୱାରିକା ତ୍ୟାଗ କରି ପବିତ୍ର ପ୍ରଭାସ କ୍ଷେତ୍ରକୁ ପଳାୟନ କରିବା ଉଚିତ ହେବ । ଯାଦବମାନେ ପ୍ରଭାସ ତୀର୍ଥକୁ ଯିବା ପାଇଁ ପ୍ରସ୍ତୁତ ହେବାରେ ଲାଗିଲେ । ଭଗବାନ ଶ୍ରୀକୃଷ୍ଣଙ୍କର ଭାଇ, ସଖା ତଥା ପରମ ପ୍ରିୟଜନ ହେଉଛନ୍ତି ଉଦ୍ଧବ । ସେ ଏ ସମସ୍ତର ଆୟୋଜନରୁ ଠଉରେଇ ନେଲେ ଯେ ପ୍ରଭୁ ଯାଦବଙ୍କ ସଂହାର କରି ମର୍ତ୍ତ୍ୟଲୋକ ତ୍ୟାଗ କରିବା ନିମନ୍ତେ ପ୍ରସ୍ତୁତ ହୋଇ ଗଲେଣି ।

ଉଦ୍ଧବ ଭଗବାନଙ୍କ ପାଖକୁ ଆସିଗଲେ । ସେତେବେଳେ ଭଗବାନ୍ ଏକାନ୍ତରେ ଲୀଳା ସମ୍ବରଣ ସମ୍ବନ୍ଧରେ ସମ୍ଭବତଃ ଧ୍ୟାନ କରୁଥିଲେ । ଉଦ୍ଧବ ତାଙ୍କୁ ପ୍ରଣାମ ନିବେଦନ କରି କହିଲେ, ପ୍ରଭୁ । ଆପଣ ସ୍ୱଧାମ ପ୍ରତ୍ୟାବର୍ତ୍ତନ ପାଇଁ ସିଦ୍ଧାନ୍ତ ନେଇଛନ୍ତି । ମୋତେ ଏକୁଟିଆ ଏଠାରେ ଛାଡ଼ି ଯାଆନ୍ତୁ ନାହିଁ । ମୋତେ ଆପଣଙ୍କ ସହିତ ନେଇ ଯାଆନ୍ତୁ । ଆପଣଙ୍କ ବିରହ ମୁଁ କ୍ଷଣେ ମାତ୍ର ସହି ପାରିବି ନାହିଁ । ଆପଣ ଯେଉଁ ଆଡ଼େ ଯିବେ ମୁଁ ସେ ଆଡ଼େ ଯିବି ?

ଭଗବାନ୍ କହିଲେ, ''ତୁମେ ତ ମୋ ସହିତ ଆସି ନ ଥିଲ । ଏବେ ମୋ ସହିତ ଯିବ କିପରି ? ଏହି ସଂସାର ହେଉଛି ସ୍ୱପ୍ନର ଖେଳ । ସଂସାର ହେଉଛି ମାୟା, ଭ୍ରମ, ଅସତ୍ୟ । ସତ୍ୟ ହେଉଛି କେବଳ ଆତ୍ମା ।

ଭଗବାନ ଉଦ୍ଧବଙ୍କୁ ସନ୍ୟାସ ଧର୍ମ ଓ ତ୍ୟାଗ ଆଦିର ଉପଦେଶ ଦେଲେ । ଉଦ୍ଧବ କହିଲେ, ''ପ୍ରଭୁ ! ତ୍ୟାଗ, ସନ୍ୟାସ ଆଦି ମାର୍ଗ ବଡ଼ କଠିନ । ମୋତେ ଆପଣ ସରଳ ମାର୍ଗର ଶିକ୍ଷା



ଦିଅନ୍ତୁ । ମୋତେ ଆପଣ ଜ୍ଞାନ ଦିଅନ୍ତୁ ।'''

ଭଗବାନ କହିଲେ, ''ମୁଁ ତୁମକୁ ମଣିଷ ଜନ୍ମ ଦେଇ କ'ଣ ତୁମ ଉପରେ କମ୍ କୃପା କରିଛି ? ଏବେ ତୁମେ ନିଜେ ତୁମ ଉପରେ କୃପା କରିବା ଉଚିତ । ନିଜେ ନିଜର ଗୁରୁ ହୋଇ ନିଜକୁ ଉଦ୍ଧାର କର । ଆତ୍ମା ହିଁ ଗୁରୁରାତ୍ମିବ । ଆତ୍ମା ହେଉଛି ଆତ୍ମାର ଗୁରୁ ।

ଈଶ୍ୱର ବାସ୍ତବରେ କୃପା ହିଁ କରିଛନ୍ତି । ଏବେ ଜୀବ ତା ନିଜ ଉପରେ କୃପା କରିବା ଉଚିତ । ଜୀବନର ଲକ୍ଷ୍ୟ ସ୍ଥିର କରି ଅତି ନିଷ୍ଠାର ଓ ଏକାଗ୍ରତାର ସହିତ ପାଇବା ପାଇଁ ଯତ୍ନ କଲେ ସଫଳତା ନିଶ୍ଚୟ ମିଳିବ । ଜୀବ ନିମନ୍ତେ ଅସମ୍ଭବ କିଛି ନାହିଁ । ଅଧିକତର ଜୀବଙ୍କର ନିଜ ନିଜ ଜୀବନର ଲକ୍ଷ୍ୟ ବିଷୟରେ ଧାରଣା ନାହିଁ ।

କୃଷ୍ଣ-କଥା ଶ୍ରବଣରେ ପାପ ଜଳିଯାଏ ଓ ଚିର ଶୁଦ୍ଧ ହୋଇଯାଏ । ନିୟମିତ ଭଜନ କଲେ କୃଷ୍ଣ ନିଶ୍ଚୟ କୃପା ପ୍ରଦାନ କରିବେ ।

ଭଗବାନ କହିଲେ, ହେ ଉଦ୍ଧବ ! ମୁଁ ତୁମକୁ କୃପା କରିଛି । ଏବେ ନିଜେ ନିଜ ଉପରେ କୃପା କର ।

ଅଜାମିଳ ଭଳି ବେଶ୍ୟାସକ୍ତ ପାପୀ ଉପରେ ବି ପ୍ରଭୁ କୃପା କରିଛନ୍ତି । ତେବେ ଆମ ଉପରେ କୃପା କାହିଁକି କରିବେ ନାହିଁ ?

ଭଗବାନ୍ କହିଲେ, ''ଆଜିଠାରୁ ସାତଦିନ ପରେ ଦ୍ୱାରିକା ସମୁଦ୍ରରେ ଲୀନ ହୋଇଯିବ । ମୁଁ ପୃଥିବୀ ତ୍ୟାଗ କରିବି । ସେହି ଦିନ କଳିଯୁଗ ପ୍ରବେଶ କରିବ । ଲୋକମାନେ ମଙ୍ଗଳହୀନ ହୋଇଯିବେ । ଆଉ ବିଧିପୂର୍ବକ କର୍ମ ହେବ ନାହିଁ । ମଣିଷ ଜନ୍ମ ମିଳିବ, ହେଲେ ସଙ୍ଗର ଦୋଷ ଲାଗିବ ମୁଁ ରହିବି ନାହିଁ, ଦ୍ୱାରିକା ରହିବ ନାହିଁ ତୁମେ ତେଣୁ ଦ୍ୱାରିକାପୁରୀରେ ରହିବା ଉଚିତ ହେବ ନାହିଁ ।

''ତୁମେ କିନ୍ତୁ ମୋ ସହିତ ଯାଇ ପାରିବ ନାହିଁ । ଏ ସଂସାର ସାଗରକୁ ପାରି ହେବା ବଡ଼ ଦୁଷ୍କର । ମୋ ମାୟା ଅତି ଦୁସ୍ତର । ସେହି ମାୟାକୁ ଅତିକ୍ରମ ନ କରିବା ଯାଏ କେହି ବି ମୋ ଧାମରେ ପ୍ରବେଶ କରିପାରିବେ ନାହିଁ । ତୁମକୁ ଏଠାରେ ଆଉ କିଛି ଦିନ ରହିବାକୁ ହେବ ।''

ଭଗବାନଙ୍କୁ ଛାଡ଼ି ରହିବାକଥା ଶୁଣି ଉଦ୍ଧବ କାତର ହୋଇଗଲେ । କଳିଯୁଗ ଭୟଙ୍କର । ଉଦ୍ଧବ ଅଧିକତର ଭୟଭୀତ ହୋଇଯାଇଥିବା ଦେଖି ଭଗବାନ କହିଲେ- ତୁମେ ବନ୍ଧୁ ଓ ସ୍ୱଜନଙ୍କ ମମତା ତ୍ୟାଗ କରି ମୋ ଠାରେ ମନୋନିବେଶ ପୂର୍ବକ ସର୍ବତ୍ର ସମଦୃଷ୍ଟି ରଖି ସ୍ୱଚ୍ଛନ୍ଦରେ ବିଚରଣ କରୁଥିବ ।

'ଉଦ୍ଧବ ! ସଂସାରରେ ଯାହା ଦେଖୁଥିବ, ଶୁଣୁଥିବ ଓ ଚିନ୍ତା କରୁଥିବ ସେ ସମସ୍ତ ହେଉଛି ମାୟା । ଏଥିରେ ଦୋଷଗୁଣ, ଭଲମନ୍ଦ ଭାବନା ଯାହା ଜାତ ହୁଏ ତାହା ଭ୍ରମାତ୍ମକ । ତେଣୁ ଭେଦ କଳ୍ପନା ଆଦୌ ନ କରି ବିଚରଣ କରୁଥିବ ।'

''ଉଦ୍ଧବ ! ଆତ୍ମା ଭିତରେ ସବୁ କିଛି ଦେଖିବାକୁ ଜ୍ଞାନ କୁହାଯାଏ । ଆତ୍ମାକୁ ପରମାତ୍ମାଙ୍କ ଭିତରେ ଦେଖିବାକୁ ବିଜ୍ଞାନ କୁହାଯାଏ । ଯେତେବେଳେ ତୁମେ ଜ୍ଞାନ ବିଜ୍ଞାନ ଯୁକ୍ତ ହେବ ସେତେବେଳେ ସମସ୍ତ ପ୍ରାଣୀ-ଜଗତ ଆତ୍ମବତ୍ ମନେହେବ ।

# ଅହିଂସା, ଅକ୍ରୋଧ, ସତ୍ୟ, ଶାନ୍ତି ଓ କରୁଣା ହିଁ ଦୈବୀ ଲକ୍ଷଣ

**ବ୍ୟ**କ୍ତି ପାଇଁ ଜୀବନ ସାରା ଅହିଂସା ପଥର ଅନୁଶୀଳନ ସମ୍ଭବ, ପରନ୍ତୁ ସାରା ଜୀବନ ହିଂସା କରିବା ସମ୍ଭବ ନୁହେଁ । ମହାବୀର, ବୁଦ୍ଧ ଓ ଗାନ୍ଧୀ ହୋଇ ପାରିବା ସମ୍ଭବ, ପରନ୍ତୁ ଖରାପରୁ ଖରାପ ବ୍ୟକ୍ତି ପାଇଁ ମଧ ଚବିଶ ଘଣ୍ଟା କ୍ରୋଧିତ ରହି ପାରିବା ସମ୍ଭବ ନୁହେଁ । କିଛି ସମୟ ପରେ ଚେତନା ଆସିବା ଆରମ୍ଭ ହୋଇଯାଏ ; କାରଣ ଏହା ଆମର ସ୍ୱଭାବ ନୁହେଁ । ଅହିଂସା, ଆତ୍ମାର ନୈସର୍ଗିକ ସୁଭାବ ଅଟେ । ଯଦି ଅନ୍ୟକୁ ପୀଡ଼ା ଦେବାର ଭାବ ଅନ୍ତଃକରଣରେ ନ ଥାଏ, ତେବେ ଭଗବାନ ଶ୍ରୀକୃଷ୍ଣ କହିଥାନ୍ତି ଯେ ଏହା ଅହିଂସା ଅଟେ । ତୁଳସୀଦାସ ଜୀ ଏହାକୁ ଧର୍ମର ଆଧାର ମାନି କହିଛନ୍ତି – ''ପର ହିତ ସରିସ ଧର୍ମ ନହିଁ ଭାଇ । ପର ପୀଡ଼ା ସମ ନହିଁ ଅଧମାଈ ।'' ଯଦି ଅନ୍ୟକୁ ଦୁଃଖ ଦେବାର, ପୀଡ଼ା ଦେବାର ଭାବ ଆମ ମନରୁ ବିଦାୟ ନେଇଯାଏ ତେବେ ସଚ୍ଚା ଅହିଂସା ଜନ୍ମ ନେଇଥାଏ । କେବଳ ହିଂସା ନ କରିବା ଅହିଂସା ନୁହେଁ, ବରଂ ହୃଦୟରୁ ସେହି ଭାବକୁ ବିଦାୟ ଦେବା, ଯାହା ଅନ୍ୟକୁ ଦୁଃଖ ପାଇବାର ଦେଖୁ ସେଥିରୁ ରସ ନେଇଥାଏ, ସେହି ଭାବ ବିଦା ହୋଇଯିବା ହିଁ ଅହିଂସା ଅଟେ । ଅନ୍ୟମାନଙ୍କ ଦୁଃଖରେ ସେ ହିଁ ଦୁଃଖୀ ହୋଇପାରେ, ଯିଏ ଅନ୍ୟମାନଙ୍କ ସୁଖରେ ସୁଖୀ ହେବା ଜାଣିଥାଏ । ସୁଖ ବାଣ୍ଟନ୍ତୁ, ଦୁଃଖରେ ସହଭାଗୀ ହୁଅନ୍ତୁ । ଏପରି କରି ପାରିବା ତା' ପାଇଁ ସମ୍ଭବ, ଯାହାର ହୃଦୟ ସଚ୍ଚା ଅହିଂସା ଭାବରେ ପରିପୂର୍ଣ୍ଣ ହୋଇଥିବ ।

ସନ୍ଥ ଏକନାଥଙ୍କ ଜୀବନର ଏକ ଘଟଣା ସେ କାଶୀରୁ ଗଙ୍ଗାଜଳ ନେଇ ରାମେଶ୍ୱରମକୁ ବାହାରିଲେ । ଏହି ଯାତ୍ରା ଅତ୍ୟନ୍ତ ଦୀର୍ଘକାଳୀନ ଥିଲା । ରାସ୍ତା ମଝିରେ ଭଗବାନ ଶିବ ଏକ ଗଧର ରୂପ ଧାରଣ କରି ବସିଥିଲେ । ଗଧ କଷ୍ଟରେ ଚିତ୍କାର କରୁଥିଲା । ତାକୁ କଷ୍ଟ ହେଉଥିବାର ଦେଖୁ ଏକନାଥଙ୍କ ହୃଦୟ କରୁଣାରେ ଭରି ଉଠିଲା । ସେ ନିଜ କାନ୍ଧରେ ବାହୁଙ୍ଗିରେ ଓହଳାଇ ଯେଉଁ କଳ ନେଇ ଚାଲୁଥିଲେ, ସେଇ ଜଳକୁ ସେହି ପୀଡ଼ିତ ଗଧ ମୁହଁରେ ଢାଳିଦେଲେ । ସାଙ୍ଗରେ ଯାଇଥିବା ଅନ୍ୟ ତୀର୍ଥଯାତ୍ରୀ ଏହା ଦେଖି କୁପିତ ହୋଇ ଉଠିଲେ ଏବଂ କହିଲେ- ''ତୁମେ କିପରି ଏହି ପ୍ରକାର ଅପବିତ୍ର କାର୍ଯ୍ୟ କରିଦେଲ ? ପବିତ୍ର ଗଙ୍ଗାଜଳକୁ ଗୋଟିଏ ଗଧ ମୁହଁରେ ପକାଇ ଦେଲ ?'' ଏକନାଥ କହିଲେ ''ତାହାର କଷ୍ଟ ମୁଁ ଦେଖି ପାରିଲି ନାହିଁ । ଯଦି କଷ୍ଟ ସମୟରେ କାହାର ସହାୟତା କରି ପାରିଲି ନାହିଁ ତେବେ ଧର୍ମ କରି ଲାଭ କଣ ? ସାଙ୍ଗରେ ଯାଇଥିବା ଲୋକମାନେ ଏହି ବଚନ ଶୁଣି ଆହୁରି କୁପିତ ହେଲେ ଯେ ଏକନାଥ ସେମାନଙ୍କୁ ଧର୍ମର ମାର୍ଗ ବୁଝାଇଛି । ପୁଣି କିଛି ସମୟ ଭିତରେ ଗଧ ପୁନର୍ବାର ପୀଡ଼ାରେ ଚିତ୍କାର କରିବାରୁ ସନ୍ଥ ଏକନାଥ ଅନ୍ୟ କଳସର ଗଙ୍ଗାଜଳ ମଧ ଗଧ ମୁହଁରେ ପକାଇ ଦେଲେ । ସହଯାତ୍ରୀମାନେ ଏହା ଦେଖୁ ତାଙ୍କୁ ଗାଳି-ଗୁଲଜ କରି ଚାଲିଗଲେ । ସେମାନେ ଯିବା ପରେ ଭଗବାନ ଶିବ, ଯିଏ ଗଧର ରୂପ ଧାରଣ କରି ସେଠାରେ ପଡ଼ି ରହିଥିଲେ, ନିଜର ଅସଲ ସ୍ୱରୂପ ଧାରଣ କଲେ ଏବଂ ଏକନାଥଙ୍କୁ କହିଲେ- ''ପୁତ୍ର ! ତୁମେ ହିଁ ଧର୍ମର ଅର୍ଥ ବୁଝିଛ । ଅନ୍ୟମାନଙ୍କ ଦୁଃଖ ଦେଖିଲେ ଯାହାକୁ ସ୍ୱୟଂ ଦୁଃଖ ଅନୁଭବ ହୁଏ, ସେ ହିଁ ସଚ୍ଚା ଅହିଂସକ, ସେ ହିଁ ଦେବୀ ଗୁଣ ଯୁକ୍ତ । ଏହି ଦେବୀ ଗୁଣ ଅହିଂସା ହିଁ ଶ୍ରୀଭଗବାନଙ୍କ ଅନୁସାରେ ଏକ ମହାନ୍ ଗୁଣ ଅଟେ ।

ଅହିଂସା ପରେ ଦ୍ୱିତୀୟ ଗୁଣ ହେଉଛି ସତ୍ୟ । ସତ୍ୟର ଅର୍ଥ କେବଳ ସତ କହିଲେ ହୁଏ ନାହିଁ, ବରଂ ଜୀବନରେ ସତ୍ୟ ଆଚରଣ କରି, ସେଥିରେ ଜିଇଲେ ହିଁ ଜୀବନ ସଫଳ ହୋଇଥାଏ । କେବଳ ସତ୍ୟ କହିଲେ ତାହା ସତ୍ୟର ପରିଭାଷା ହୁଏ ନାହିଁ । କୁହାଯାଏ ଯେ ଗୋଟିଏ ଗାଁରେ ଜଣେ ଭଲ ବ୍ୟକ୍ତି ରହୁଥିଲେ । ସତ୍ୟ କହିବା ତାଙ୍କର ନିୟମ ଥିଲା । ଏକଦା ଗୋଟିଏ ପରିବାର ଦୌଡ଼ି ଦୌଡ଼ି ଆସି ତାଙ୍କ ଘରେ ପହଞ୍ଚି ତାଙ୍କୁ ଲୁଚାଇଦେବା ପାଇଁ ପ୍ରାର୍ଥନା କରିବାକୁ ଲାଗିଲେ । ଅଳ୍ପ ସମୟ ପରେ ସେଠାକୁ କିଛି ଡ଼ାକୁ ଆସିଲେ ଏବଂ ସେହି ପରିବାର ବିଷୟରେ ପଚାରିଲେ । ଭଲ ବ୍ୟକ୍ତି ଜଣକ ସେହି ପରିବାର କେଉଁଠି ଲୁଚିଛନ୍ତି ତାହା ପ୍ରକାଶ କରିଦେଲେ । ଡାକୁମାନେ ସେହି ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେଲେ । ମରଣୋପରାନ୍ତ ଯେତେବେଳେ ସାଧୁଙ୍କ କାର୍ଯ୍ୟର ହିସାବ କରାଗଲା ତ ତାଙ୍କୁ ସେମାନଙ୍କର ହତ୍ୟା କର୍ମ ପାଇଁ ଦଣ୍ଡବିଧାନ କରାଗଲା । ସେ କହିଲେ- ''ମୁଁ ତ କାହାକୁ ହତ୍ୟା କରି ନାହିଁ, ତାହେଲେ ମୋତେ ଏମିତି ଦଣ୍ଡ କାହିଁକି ?'' ଚିତ୍ରଗୁପ୍ତ କହିଲେ– ' ଆପଣଙ୍କର ସତ୍ୟ କହିବା କାରଣରୁ ସେହି ପରିବାରର ହତ୍ୟା ହୋଇଥିଲା, ଯାହା ଫଳରେ ତୁମେ ମଧ ସେହି କର୍ମରେ ସହଭାଗୀ ହୋଇଗଲ । ସତ୍ୟର ଅର୍ଥ ଅହିଂସା ସହିତ ଜଡ଼ିତ । ଯିଏ ଅହିଂସା ଭାବ ନେଇ ସତ୍ୟ କୁହେ, ସେ କେବଳ ସତ୍ୟ କୁହେ ନାହିଁ, ବରଂ ସତ୍ୟକୁ ଜିତିଥାଏ । ଅହିଂସା ଓ ସତ୍ୟ ପରେ ଶ୍ରୀଭଗବାନ କହିଛନ୍ତି- ଅକ୍ରୋଧ ଅକ୍ରୋଧର ଅର୍ଥ – ଆନ୍ତରିକ ଆନନ୍ଦ, ଯେକୌଣସି ପ୍ରକାର କ୍ରୋଧର କାରଣକୁ ତ୍ୟାଗ କରିବା । ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ଜୀବନର ପ୍ରତ୍ୟେକ ଘଟଣାକୁ ପରମାତ୍ମାଙ୍କର ଅନୁଗ୍ରହ ରୂପେ ସ୍ୱୀକାର କରିବା । ଏପରି କ୍ଷେତ୍ରରେ କ୍ରୋଧର କୌଣସି କାରଣ ହିଁ ବାକି ରହେ ନାହିଁ । ଯେତେବେଳେ ଆମେ ଅନ୍ୟମାନଙ୍କ ଠାରେ ଦୋଷ ଦେଖିବା, ସମାଜର ଦୋଷ ଦେଖିବା, ବ୍ୟବସ୍ଥାରେ ଦୋଷ ଦେଖିବା ବନ୍ଦ କରିଦେଉ, ସେତେବେଳେ ନୈସର୍ଗିକ ଅକ୍ରୋଧକୁ ପ୍ରାପ୍ତ ହୋଇଥାଉ । ଅକ୍ରୋଧ ପରେ ଶ୍ରୀଭଗବାନ ଶ୍ରୀକୃଷ୍ଣ କହିଛନ୍ତି- ତ୍ୟାଗ । ତ୍ୟାଗ ପ୍ରକୃତ ଅର୍ଥରେ ତାହାକୁ କୁହାଯାଏ, ଯାହା କୌଣସି ବସ୍ତୁ, ବ୍ୟକ୍ତି, ତତ୍ତ୍ୱ ଉପରେ ନିଜର ଅଧିକାର ସାବ୍ୟସ୍ତ କରେ ନାହିଁ । ଯାହାକୁ ସମସ୍ତ ସମ୍ପଦ ହିଁ ପରମାତ୍ମାଙ୍କର ପ୍ରତୀତ ହୋଇଥାଏ, ସେ ଭଲା କେଉଁ ପଦାର୍ଥ ପ୍ରତି ଆସକ୍ତ କାହିଁକି ହେବ ? କାହା ପ୍ରତି କାହିଁକି ଆକୃଷ୍ଟ ହେବ ? ଆଉ ଯିଏ କାହା ପ୍ରତି ଆସକ୍ତ ନୁହେଁ, ସେ ହିଁ ସର୍ବତ୍ୟାଗୀ ହୋଇଯାଏ ।

ଯିଏ ସମ୍ପୂର୍ଣ୍ଣ ରୂପେ ଶାନ୍ତ, ଯାହା ଭିତରେ କ୍ରୋଧ ଜାତ ହୁଏ ନାହିଁ, ଯିଏ ଅନ୍ୟର ସୁଖକୁ ନିଜର ସୁଖ ବୁଝେ, ଯିଏ ସଦା ସର୍ବଦା ଆନନ୍ଦରେ ଅଭିପୂରିତ, ଯାହାର ଅନ୍ତଃକରଣରେ କୌଣସି ପ୍ରକାର ହଲଚଲ ଉଠିବା ବନ୍ଦ ହୋଇଯାଏ, ତା'ର ହୃଦୟରେ ଏକ ସାତ୍ତ୍ୱିକ ନିର୍ମଳତା ଆସିଯାଏ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

# ସାମ୍ବାଦିକତା ବିଦ୍ୟାର୍ଥୀ ଆଚରଣ ସଂହିତା

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ସୋ**ସିଆଲ ମିଡ଼ିଆର ପ୍ରସାର ପରେ ସାମ୍ବାଦିକତା ବୃତ୍ତି ଓ ପ୍ରବୃତ୍ତିର ପରିଧି ଡ଼େଇଁ ଜନଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ସ୍ମାର୍ଟଫୋନର ପ୍ରଚଳନ ସାଧାରଣ ନାଗରିକଙ୍କୁ ଦିବାରାତ୍ରୀ ପରସ୍ପର ସହ ଯୋଡ଼ିବା ସଙ୍ଗେ ସମ୍ବାଦ ସୃଜନ ଓ ବିତରଣ ପ୍ରକ୍ରିୟାରେ ମଧ ସାମିଲ କରିବାରେ ଲାଗିଲା । ସାମାଜିକ ସ୍ତରରେ ଉଲ୍ଲେଖନୀୟ ଘଟଣାବଳୀ, ଅନୁଭୂତି ଓ ଅଭିମତ ଆଦାନ ପ୍ରଦାନ ମନୁଷ୍ୟର ସହଜାତ ପ୍ରବୃତ୍ତି । ଶିଳ୍ପ ବିପ୍ଳବ ପରବର୍ତ୍ତୀ ଅବସ୍ଥାରେ ଯାନ୍ତ୍ରିକ ପଦ୍ଧତି ଉପଯୋଗରେ ପାଠ୍ୟ, ଶ୍ରାବ୍ୟ ଓ ଦୃଶ୍ୟ ମାଧମରେ ବୃହତ ଜନସମୁଦାୟରେ ସୃଜନ ପ୍ରସାରଣ ପ୍ରକ୍ରିୟା ଉନ୍ନତ ବୈଷୟିକ କୌଶଳ ଆଶ୍ରିତ ହେବାରୁ ଗଣମାଧମ ବୃତ୍ତିଧାରୀଙ୍କ ନିୟନ୍ତ୍ରଣକୁ ଚାଲିଯାଇଥିଲା । ଫଳରେ ବୃତ୍ତିଗତ ବା ପ୍ରବୃତ୍ତିଗତଭାବେ ଗଣମାଧମ ସୃଜନରେ ସଂପୃକ୍ତ ହେବା ନିମନ୍ତେ ତାଲିମର ଆବଶ୍ୟକତା ଅନୁଭୂତ ହୋଇଥିଲା ଏବଂ ଉଭୟ ଆନୁଷ୍ଠାନିକ ତଥା ଅଣ-ଆନୁଷ୍ଠାନିକ ସ୍ତରରେ ପଦ୍ଧତିମାନ ବିକଶିତ ହୋଇଥିଲା ।

ସୋସିଆଲ ମିଡ଼ିଆର ଆବିର୍ଭାବ ପ୍ରତ୍ୟେକ ଉପଭୋକ୍ତାଙ୍କୁ ଆହରଣ ସଙ୍ଗେ ବିତରଣର ସୁବିଧାସୁଯୋଗ ଦେଉଥିବା ହେତୁ ବୃତ୍ତିଧାରୀଙ୍କ ଅନୁରୂପ ସାମ୍ବାଦିକତାର ମୌଳିକ କଳାକୌଶଳ ଓ ନୀତି ନିୟମ ସମସ୍ତ ଉପଭୋକ୍ତାଙ୍କ ପାଇଁ ଆବଶ୍ୟକତାରେ ପରିଣତ ହୋଇଛି । ଫଳରେ ସାମ୍ବାଦିକତା ବିଦ୍ୟା ଅର୍ଜନ ପାଠ୍ୟକ୍ରମ, ଶିକ୍ଷାନୁଷ୍ଠାନରୁ ସାଧାରଣ ଜୀବନକୁ ସଂପ୍ରସାରିତ ।

ପରିବର୍ତ୍ତିତ ପରିବେଶରେ ଏକବିଂଶ ଶତାବ୍ଦୀ ତୃତୀୟ ଦଶକ ଆରମ୍ଭ ସୁଦ୍ଧା ସମ୍ବାଦ ସୃଜନ କ୍ଷେତ୍ରରେ ତିନିବର୍ଗ ନିୟୋଜିତ - ବୃତ୍ତିଧାରୀ ସାମ୍ବାଦିକ, ପ୍ରବୃତ୍ତିଗତ ମୁକ୍ତ ସାମ୍ବାଦିକ ଏବଂ ନାଗରିକ ସାମ୍ବାଦିକ । ବୃତ୍ତିଧାରୀ ସାମ୍ବାଦିକମାନେ ସାଧାରଣତଃ ଉଚ୍ଚଶିକ୍ଷିତ । ଉଚ୍ଚଶିକ୍ଷାନୁଷ୍ଠାନରୁ ସ୍ନାତକ ଉପାଧି ସହ ସାମ୍ବାଦିକତା ତାଲିମପ୍ରାପ୍ତ । କିଛି ସଂଖ୍ୟକ ପ୍ରବୃତ୍ତିଗତଭାବେ ଅଭିଜ୍ଞତାରୁ ସାମ୍ବାଦିକତା ଶିକ୍ଷା ଲାଭ କରିଥାନ୍ତି । ଦ୍ୱିତୀୟବର୍ଗରୁ ଅଧିକାଂଶ ଲେଖକ କିମ୍ବା ସମାଜସେବୀ । ତୃତୀୟବର୍ଗର ନାଗରିକ ସାମ୍ବାଦିକ ଯେକୌଣସି ସାଧାରଣ ବ୍ୟକ୍ତିବିଶେଷଙ୍କ ସାମ୍ବାଦିକତାରେ ଆଗ୍ରହକୁ ବୁଝାଇଥାଏ ।

ସାମ୍ବାଦିକତା ପ୍ରକ୍ରିୟାରେ ଜଡ଼ିତ ସମସ୍ତଙ୍କ ନିମନ୍ତେ ସାମ୍ବାଦିକତା ତାଲିମ ଅପରିହାର୍ଯ୍ୟ । ସାମ୍ବାଦିକତା ଏକ ବୃହତ୍ତର ପାଠକ, ଶ୍ରୋତା ବା ଦର୍ଶକ ବର୍ଗଙ୍କୁ ପ୍ରଭାବିତ କରୁଥିବା ହେତୁ ଏହି କ୍ଷେତ୍ରରେ ତ୍ରୁଟିବିଚ୍ୟୁତି ସାମାଜିକହାନୀରେ ରୂପାନ୍ତରିତ ହୋଇଥାଏ । ଅପରପକ୍ଷେ ଗଣମାଧମ ମଞ୍ଚର ମୌଳିକ ବୈଷୟିକ କୌଶଳ ଆୟତ୍ତ କରିବା ନିମନ୍ତେ ମଧ ତାଲିମ ଆବଶ୍ୟକ ପଡ଼ିଥାଏ । ଏହି ଦୁଇ କାରଣରୁ ତାଲିମହୀନ ସାମ୍ବାଦିକତା ସ୍ଥଳବିଶେଷରେ ଦୁର୍ଘଟଣା ସୃଷ୍ଟି କରିଥାଏ । ଅତୀତରେ ବ୍ୟାବହାରିକ ସାମ୍ବାଦିକତା ଶିକ୍ଷା ପ୍ରଚଳନ ରହିଥିଲା । ଅର୍ଥାତ, ଯେଉଁମାନେ ସାମ୍ବାଦିକତା କଳାକୌଶଳ ଆୟତ୍ତ କରିବାକୁ ଇଚ୍ଛୁକ ଥିଲେ ସେମାନେ ସ୍ୱତଃପ୍ରବୃତ୍ତଭାବେ ସାମ୍ବାଦିକତାରେ ଲିପ୍ତ ରହୁଥିଲେ କିମ୍ବା କୌଣସି ଅଭିଜ୍ଞ ସାମ୍ବାଦିକଙ୍କ ସାନ୍ନିଧରେ କାର୍ଯ୍ୟକରି ସାମ୍ବାଦିକତାର ମୌଳିକ ବିଭବଗୁଡ଼ିକ ଶିକ୍ଷା କରୁଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ଅବସ୍ଥାରେ ବିଶ୍ୱବ୍ୟାପୀ ସାମ୍ବାଦିକତା ପାରମ୍ପରିକ ଆନୁଷ୍ଠାନିକ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହେବା ଅବସରରେ ଭାରତ ମଧ ସାମିଲ ହୋଇଥିଲା । ବିଂଶ ଶତାବ୍ଦୀର ଅଷ୍ଟମ ଦଶକ ଶେଷ ଭାଗରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ପରବର୍ତ୍ତୀ ଅବସ୍ଥାରେ ଭାରତୀୟ ଗଣମାଧମ ପରିବେଶରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଥିଲା ଏବଂ ଉପାଧିଉତ୍ତୋର ଶିକ୍ଷାକ୍ରମ ରୂପେ ପ୍ରସାର ଲାଭ କରିଥିଲା । ଏକବିଂଶ ଶତାବ୍ଦୀ ଆରମ୍ଭରୁ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକ ଓ ସ୍ନାତକୋତ୍ତରସ୍ତରରେ ସାମ୍ବାଦିକତା, ଗଣଯୋଗାଯୋଗ, ବିଜ୍ଞାପନ ଓ ଲୋକସମ୍ପର୍କ ପରିଚାଳନା, ଚଳଚ୍ଚିତ୍ର ଅଧ୍ୟୟନ ଅନ୍ତର୍ଭୁକ୍ତ ହୋଇଥିଲା । ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ ତିନି ବର୍ଷ ସ୍ନାତକ ଓ ଦୁଇ ବର୍ଷ ସ୍ନାତକୋତ୍ତର ତଥା ନୂତନ ଶିକ୍ଷାନୀତିରେ ପ୍ରସ୍ତାବିତ ଚାରିବର୍ଷ ସ୍ନାତକ ଓ ଏକ ବର୍ଷ ସ୍ନାତକୋତ୍ତର ଉପାଧି ଶ୍ରେଣୀରେ ଭର୍ତ୍ତି ହେଉଥିବା ଶିକ୍ଷାର୍ଥୀମାନଙ୍କୁ ପ୍ରାୟତଃ ବୃତ୍ତିଗତ ସାମ୍ବାଦିକତା ଜୀବନ-ମନସ୍କ ଭାବେ ବିବେଚନା କରାଯାଇପାରେ । ସେମାନେ ଶିକ୍ଷାର୍ଜନ ଶେଷରେ ସମ୍ବାଦ ମଞ୍ଚ ଗୁଡ଼ିକରେ ନିଯୁକ୍ତି ଅନ୍ୱେଷଣ କରିବା ସୁନିଶ୍ଚିତ । ଏହି ବର୍ଗଙ୍କୁ ମୌଳିକ ଭାବେ ସାମ୍ବାଦିକତା ବିଦ୍ୟାର୍ଥୀ ଭାବେ ଗ୍ରହଣ କରାଯାଇ ସେମାନଙ୍କ ଆଚରଣ ବିଧି ନିର୍ଣ୍ଣୟ ସମୁଚିତ ପଦକ୍ଷେପ । ଅପର ଦୁଇ ବର୍ଗ, ଯେଉଁମାନେ ସାମ୍ବାଦିକତା ମୁକ୍ତ ବୃତ୍ତିଭାବେ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ଏବଂ ସାଧାରଣ ନାଗରିକଙ୍କ ମଧରୁ ସାମ୍ବାଦିକତାରେ ରୁଚି ରଖି ସାମୟିକଭାବେ ସମ୍ବାଦ ସରବରାହ ପ୍ରକ୍ରିୟାରେ ସାମିଲ ହେବା ନିମନ୍ତେ ଆଗ୍ରହୀ । ପ୍ରଥମ ବର୍ଗ ନିମନ୍ତେ ନିର୍ଦ୍ଧାରିତ ଆଚରଣ ବିଧିରୁ କେତେକାଂଶ ଆବଶ୍ୟକତା ମତେ ଗ୍ରହଣ କରିପାରିବେ ।

ଆଦର୍ଶ ସାମ୍ବାଦିକତା ବିଦ୍ୟାର୍ଥୀ ଆଚରଣବିଧିରେ ବିଦ୍ୟାର୍ଥୀମାନଙ୍କୁ ପ୍ରଥମରୁ ନିଜକୁ ସାମ୍ବାଦିକଭାବେ ଆତ୍ମପରିଚିତି ପ୍ରଯୋଜନା ନିମନ୍ତେ ଉତ୍ସାହିତ କରାଯିବ । ସାମ୍ବାଦିକତା ଶିକ୍ଷା ଆରମ୍ଭ କାଳରୁ ହିଁ ସେମାନେ ନିଜେ ସାମ୍ବାଦିକ ମାନସିକତା ଗଢ଼ିତୋଳିବା ଆବଶ୍ୟକ । କାରଣ ସମ୍ବାଦ ସରବରାହ ବୟସ, ଅଭିଜ୍ଞତା ବା ଉତ୍କର୍ଷ; କୌଣସି ଭେଦଭାବ ମାନେ ନାହିଁ । ଅତି ଉଚ୍ଚଧରଣର ସମ୍ବାଦ ରଚନା କୌଣସି ନବୀନଙ୍କ ପକ୍ଷେ ସଂଭବ ହୋଇପାରିଥିବା ସ୍ଥଳେ ସେହି ବିଷୟବସ୍ତୁର ସନ୍ଧାନ, ଉପାଦାନ ସଂଗ୍ରହ ଓ ବର୍ଣ୍ଣନା ପ୍ରବୀଣଙ୍କ ଆୟତ୍ତାଧୀନ ନ ହୋଇ ପାରେ । ପ୍ରତ୍ୟେକ ସମ୍ବାଦ ଏକ ଦ୍ୱୀପ ସଦୃଶ୍ୟ, ଅଖଣ୍ଡ ଭୂଅଞ୍ଚଳ ସହ ଏହାର ଭାବଗତ ସଂପର୍କ ଥିଲେହେଁ ଆଙ୍ଗିକ ଦୃଷ୍ଟିରୁ ସ୍ୱତନ୍ତ୍ର । ସାମ୍ବାଦିକତା ବିଦ୍ୟାର୍ଥୀ ହୁଅନ୍ତୁ କିମ୍ବା ସ୍ୱନାମଧନ୍ୟ ସାମ୍ବାଦିକ, ପ୍ରତ୍ୟେକ ସମ୍ବାଦର ଗୁଣବତ୍ତା ତାହାର ସୃଜନକର୍ତ୍ତାଙ୍କ ପରିଚିତି ସୃଷ୍ଟି କରିଥାଏ । ତେଣୁ ସମ୍ବାଦ ରଚନାରେ ହାତ ଦେବା ଦିନୁ ନିଜକୁ ସାମ୍ବାଦିକ ଭାବେ ଅନୁଭବ ଯଥାର୍ଥ ।

ଦ୍ୱିତୀୟରେ ନିଜକୁ ସାମ୍ବାଦିକ ରୂପେ ଗ୍ରହଣ କରିନେବା ପରେ ସାମ୍ବାଦିକତାର ମୌଳିକ କାର୍ଯ୍ୟ ସମ୍ବାଦ ରଚନାରେ ସଂପୃକ୍ତ ରହିବା ଆବଶ୍ୟକ । ସମ୍ବାଦ ରଚନା ଏକ ନିରନ୍ତର ପ୍ରକ୍ରିୟା । ସ୍ଥଳ ବିଶେଷରେ ମାତ୍ର କିଛି କ୍ଷଣ ଉପଯୋଗରେ ଏକ ସମ୍ବାଦ ପ୍ରଯୋଜନା ସମ୍ଭବ ହୋଇପାରୁଥିବା ସ୍ଥଳେ କୌଣସି ସମ୍ବାଦ ରଚନା ନିମନ୍ତେ ସପ୍ତାହ, ପକ୍ଷ, ମାସ ଏପରିକି ବର୍ଷ ମଧ ବିନିଯୋଗର ଦୃଷ୍ଟାନ୍ତ ରହିଥାଏ । ପ୍ରତ୍ୟେକ ସାମ୍ବାଦିକଙ୍କ ପକ୍ଷେ କୌଣସି ସମୟସୀମାରେ କେତେଗୋଟି ସମ୍ବାଦ ରଚନା ଶେଷ ହେଲା ବଦଳରେ କେତେଗୋଟି ସମ୍ବାଦ ରଚନା ନିମନ୍ତେ ଯୋଜନାବଦ୍ଧ ତାହା ଗୁରୁତ୍ୱପୂର୍ଣ୍ଣ । ସାଧାରଣରେ ସାମ୍ବାଦିକମାନେ ଦୈନନ୍ଦିନଭିତ୍ତିରେ ଏକାଧିକ ସମ୍ବାଦ ପ୍ରଯୋଜନାରେ ସଂପୃକ୍ତ ରହିଥାନ୍ତି । କିନ୍ତୁ ଏହା ଅତ୍ୟଧିକ ହେବା କାରଣରୁ ଏକାଗ୍ରତା ସଂଭବ ନହେଲେ ସୁଫଳ ମିଳିପାରି ନଥାଏ । ସାମ୍ବାଦିକତା ବିଦ୍ୟାର୍ଥୀମାନେ ଯେକୌଣସି ସମୟରେ ତିନିରୁ ସାତ ଗୋଟି ସମ୍ବାଦ ରଚନା ପ୍ରତି ଯତ୍ନଶୀଳ ରହିବା ବିଧେୟ । ଅବଶ୍ୟ ଏହିଭଳି ସଂଖ୍ୟା ନିର୍ଦ୍ଧାରଣର କୌଣସି ମାପଦଣ୍ଡ ନ ଥାଏ ।

ତୃତୀୟରେ ସାମ୍ବାଦିକ ବିଦ୍ୟାର୍ଥୀ କର୍ମଜୀବୀ ସାମ୍ବାଦିକଙ୍କ ଜୀବନଚର୍ଯ୍ୟା ଅନୁସରଣ କରିବା ହିତକାରକ । ସମ୍ବାଦ ରଚନା ଗବେଷଣା, ଉପାଦାନ ସଂଗ୍ରହ, ବିଷୟସଜ୍ଜା, ସୃଜନ ଓ ପୁନଃଲିଖନ । ପାଞ୍ଚଗୋଟି ସୋପାନରେ ବିଭକ୍ତ ଥିବା ସ୍ଥଳେ ଏକାଧିକ ସମ୍ବାଦ ନିମନ୍ତେ ଭିନ୍ନ ଭିନ୍ନ ସୋପାନରେ କିଛି କିଛି ସମୟ ବିନିଯୋଗ କଲେ ଦୀର୍ଘ ସଂପୃକ୍ତିଜନିତ ବିରକ୍ତିବୋଧରୁ ମୁକ୍ତି ପାଇବା ବିଶ୍ୱାସ କରାଯାଇ ପାରେ । ସଫଳ ସାମ୍ବାଦିକମାନେ ନିଜ ଦୈନନ୍ଦିନ ଜୀବନ ନିମନ୍ତେ ଖସଡ଼ା ପ୍ରସ୍ତୁତ କରିଥାନ୍ତି ଏବଂ ତାହା କଡ଼ାକଡ଼ିଭାବେ ପାଳନ କରିବା ନିମନ୍ତେ ଯତ୍ନଶୀଳ ହୋଇଥାନ୍ତି । ଦିନ କେତେ ପରେ ସୃଜନ କାର୍ଯ୍ୟନିର୍ଘଣ୍ଟ ଅଭ୍ୟାସରେ ପରିଣତ ହୋଇପଡ଼େ ଏବଂ ସାମ୍ବାଦିକଙ୍କ ସୃଜନ ଜୀବନ ଗତିଶୀଳ ହୋଇଉଠେ । ବିଦ୍ୟାର୍ଥୀମାନେ ଏହି କ୍ଷେତ୍ରରେ ଖ୍ୟାତନାମା ସାମ୍ବାଦିକଙ୍କ ଆତ୍ମଜୀବନୀ ପାଠ କରି ନିଜ ରୁଚିମତେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ପରାମର୍ଶ ଦିଆଯାଇ ପାରେ ।

ଚତୁର୍ଥରେ ସାମ୍ବାଦିକତା ସଦାସର୍ବଦା ନୂତନତ୍ୱ ପରିପ୍ରକାଶରେ ପର୍ଯ୍ୟବସିତ । ସମ୍ବାଦସୂତ୍ର ଅନ୍ୱେଷଣରେ ସାଂବାଦିକଙ୍କୁ ଗଭୀର ଗବେଷଣାରେ ସଂପୃକ୍ତ ରହିବାକୁ ପଡିଥାଏ । ପାରିପାର୍ଶ୍ୱିକ ସ୍ତରରେ ବିଭିନ୍ନ ଉପକ୍ରମକୁ ସମ୍ବାଦସୂତ୍ର ଭାବେ ଗ୍ରହଣ କରାଯାଇପାରେ । ଘଟଣାଟି ସଂପର୍କରେ ନିଜେ ସଂପୂର୍ଣ୍ଣ ରୂପେ ଅବଗତ ହେବା, ସମସ୍ତ ତଥ୍ୟ ଏବଂ ଅନ୍ୟମାନଙ୍କ ପ୍ରତିକ୍ରିୟା ସଂଗ୍ରହ କରିବା ପରେ ସମ୍ବାଦ ରଚନାରେ ମନୋନିବେଶ କରାଯାଇଥାଏ । ବୃତ୍ତିଧାରୀ ସାମ୍ବାଦିକମାନେ ମୁଖ୍ୟତଃ ପ୍ରତ୍ୟକ୍ଷ କ୍ଷେତ୍ରକୁ ସମ୍ବାଦ ସଂଗ୍ରହର ସୂତ୍ରଭାବେ ଗ୍ରହଣ କରୁଥିବା ସ୍ଥଳେ ସାମ୍ବାଦିକତା ବିଦ୍ୟାର୍ଥୀମାନେ ଉପଲବ୍ଧ ଓ ପୂର୍ବ-ପ୍ରକାଶିତ ତଥ୍ୟାବଳୀକୁ ଭିତ୍ତିକରି ସମ୍ବାଦ ପ୍ରଯୋଜନାରେ ସଂପୃକ୍ତ ରହିବା ଆବଶ୍ୟକ । ସାମ୍ବାଦିକତା ବିଦ୍ୟାର୍ଥୀମାନେ ସାମ୍ବାଦିକଭାବେ ସାମାଜିକ ସ୍ୱୀକୃତି ହାସଲ ନକରିଥିବା ହେତୁ ସେମାନଙ୍କ ସମ୍ବାଦସୂତ୍ର ଗ୍ରନ୍ଥାଗାରର ଚାରିକାନ୍ଥ ମଧରେ ସୀମିତ । ଅବଶ୍ୟ ଅନ-ଲାଇନ ପରିବେଶରେ ସେହି ପରିସୀମା ପରିବ୍ୟାପ୍ତ ହୋଇଛି । ସେହିପରି ସାମ୍ବାଦିକ ବିଦ୍ୟାର୍ଥୀମାନେ ସମାଲୋଚନା ଓ ଅନୁସନ୍ଧାନମୂଳକ ସମ୍ବାଦ ରଚନାରେ ହାତଦେବା ଅନୁଚିତ । ଅଭିଜ୍ଞତା ଯେ ସାମ୍ବାଦିକତାକୁ ଋଦ୍ଧିମନ୍ତ କରିଥାଏ, ସାମ୍ବାଦିକତା ବିଦ୍ୟାର୍ଥୀଗଣ କୌଣସି ମୂହୁର୍ତ୍ତରେ ଏହା ଯେପରି ଭୂଲି ନଯାଆନ୍ତି ସେଥିପ୍ରତି ଦୃଷ୍ଟିଦେବା ବାଞ୍ଛନୀୟ ।

(ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ)

## ଆଜିର ଚିନ୍ତନ

**କୌ**ଶଳପୁରର ପୁରୋହିତ ଆଚାର୍ଯ୍ୟ ଭାର୍ଗବ ଭଗବାନ ଶିବଙ୍କର ପରମ ଭକ୍ତ ଥିଲେ । ତାଙ୍କର ଗୋଟିଏ ପୁତ୍ର ହେଲା । ଜ୍ୟୋତିଷମାନେ କହିଲେ ଯେ ଛୁଆଟି ବଡ଼ ହେଲେ ହୁଏତ ଜଣେ ଡାକୁ ହେବ ଅଥବା ଜଣେ ସନ୍ଥ ହେବ । ଦୁଇଟି ଯାକ ସମ୍ଭାବନାକୁ ଧାନରେ ରଖି ଆଚାର୍ଯ୍ୟ ଭାର୍ଗବ ପୁତ୍ରର ନାମ ରଖିଲେ ନିଷ୍କଳଙ୍କ । ବାଳକ ମେଧାବୀ ଥିଲା ଆଉ ପରିଶ୍ରମୀ ମଧ । ଆଚାର୍ଯ୍ୟ ତାକୁ ଘର ଠାରୁ ଦୂରରେ ଅବସ୍ଥିତ ଏକ ଗୁରୁକୁଳକୁ ପଠାଇ ଦେଲେ । ଗୁରୁକୁଳ ସମୀପରେ ହିଁ ଜଣେ ସମ୍ବନ୍ଧୀଙ୍କ ଘରେ ତା'ର ଆବାସର ବ୍ୟବସ୍ଥା କରିଦେଲେ, କିନ୍ତୁ ସେହି ବନ୍ଧୁଙ୍କର ମଦ୍ୟପାନର ଖରାପ ଅଭ୍ୟାସ ଥିଲା । ଯେତେବେଳେ ନିଷ୍କଳଙ୍କ ଏହା ଜାଣିବାକୁ ପାଇଲା ତ ସେ ନିଜ ସମ୍ପର୍କୀୟଙ୍କୁ କହିଲା ଯେ ଏହାର ସୂଚନା ସେ ତା'ର ବାପାଙ୍କୁ ଦେବ । ଆଚାର୍ଯ୍ୟ ଭାର୍ଗବଙ୍କର ବହୁତ ସମ୍ମାନ ଥିଲା, ତେଣୁକରି ସେହି ସମ୍ପର୍କୀୟ ବିଚଳିତ ହୋଇ ମିଛ କହିଲା– ''ମୁଁ ତ ମଦ୍ୟପାନ ଏକ ଗୁହ୍ୟ ବିଦ୍ୟା ଶିଖିବା ଉଦ୍ଦେଶ୍ୟରେ କରୁଛି । ତୁମେ ଚାହିଁବ ତ ତୁମକୁ ମଧ ଏହି ବିଦ୍ୟା ଶିଖାଇ ଦେବି ।

ନୂତନ ଜ୍ଞାନ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ନିଷ୍କଳଙ୍କ ମଦ୍ୟପାନ ଆରମ୍ଭ କରିଦେଲା, କିନ୍ତୁ ପରିଣାମ ଶୁଭ ହେଲା ନାହିଁ । ବିଦ୍ୟା ତ ପ୍ରାପ୍ତ ହେବାର ନ ଥିଲା, କିନ୍ତୁ ନିରନ୍ତର ମଦ୍ୟପାନ ଦ୍ୱାରା ନିଷ୍କଳଙ୍କର ଚରିତ୍ର କଳଙ୍କିତ ହେବାକୁ ଲାଗିଲା । ଜଣେ ଆଦର୍ଶ ବିଦ୍ୟାର୍ଥୀରୁ ସେ ଏକ ଦୁର୍ଦ୍ଧାନ୍ତ ଡାକୁରେ ପରିବର୍ତ୍ତିତ ହୋଇଗଲା । ଦିନେ ପ୍ରସିଦ୍ଧ ସନ୍ଥ ଜ୍ୟୋତିର୍ଭିକ୍ଷୁ ସେହି ମାର୍ଗରେ ଯାଉଥିଲେ, ଯେଉଁ ମାର୍ଗରେ ସେ ଡକାୟତି କରୁଥିଲା । ଜ୍ୟୋତିର୍ଭିକ୍ଷୁ ଅନ୍ତର୍ଜ୍ଞାନୀ ଥିଲେ, ଏଣୁ ତାଙ୍କୁ ଅନୁଭବ ହେଲା ଯେ ଇଏ ଜଣେ ଉଚ୍ଚସ୍ତରୀୟ ଆତ୍ମା, ଯିଏ ସଂସ୍କାର ବଶତଃ ପଥଭ୍ରଷ୍ଟ ହୋଇ ଯାଇଛି । ତାକୁ ତା'ର ଜୀବନର ଲକ୍ଷ୍ୟ ମନେ ପକାଇଦେବା ଉଦ୍ଦେଶ୍ୟରେ ଜ୍ୟୋତିର୍ଭିକ୍ଷୁ ନିଷ୍କଳଙ୍କକୁ କହିଲେ- 'ତୁମକୁ ଚୋରି କରିବାର ଅଛି ତ ତାଙ୍କ ଘରୁ କର, ଯାହାଙ୍କ ପାଖରେ ଅପାର ସଂପଦ ରହିଛି ।' ନିଷ୍କଳଙ୍କ ପଚାରିଲା- ''ସେ କିଏ ? ମୋତେ ତାଙ୍କର ନାମ କୁହ । ଜ୍ୟୋତିର୍ଭିକ୍ଷୁ ମୁରୁକି ହସି କହିଲେ- ତାଙ୍କର ନାମ ଭଗବାନ ଶିବ, ଯାହାଙ୍କର ଭକ୍ତି ତୁମର ପିତା କରୁଥିଲେ । ଏ ସମସ୍ତ ସୃଷ୍ଟି ହିଁ ତାଙ୍କର ଆଉ ଏ ସମସ୍ତ ଐଶ୍ୱର୍ଯ୍ୟ ମଧ ତାଙ୍କର । ତାଙ୍କ ଠାରୁ ଅଧିକ ସଂପଦ ଆଉ କାହା ପାଖରୁ ମିଳିବ ? ଏହା ଶୁଣିବା କ୍ଷଣି ନିଷ୍କଳଙ୍କର ଜନ୍ମଜାତ ସଂସ୍କାର ଜାଗ୍ରତ ହୋଇ ଉଠିଲା ଏବଂ ତା'ର ମନ ଗ୍ଲାନିରେ ଭରିଗଲା । ସେ ଜ୍ୟୋତିର୍ଭିକ୍ଷୁଙ୍କ ସହିତ ତପସ୍ୟା ମାର୍ଗରେ ବାହାରି ପଡ଼ିଲା ଏବଂ ନିଜର ଜୀବନ ଉଦ୍ଦେଶ୍ୟକୁ ପ୍ରାପ୍ତ କଲା ।

# ଅକାରଣ ବିରୋଧ ଓ ବିଦ୍ୱେଷରୁ ନିବୃତ୍ତ ହେବାର ରାଜମାର୍ଗ

ଏହି ସଂସାରରେ ରହିଲେ ଅନ୍ୟମାନଙ୍କ ସହିତ ମତଭେଦ ହେବା ସ୍ୱାଭାବିକ ଏବଂ ଯଦି ଏହା ବଢ଼ିଯାଏ ତେବେ କଳହ-କ୍ଲେଶପୂର୍ଣ୍ଣ କଟୁତା ପର୍ଯ୍ୟନ୍ତ କଥା ବଢ଼ିଯାଏ । ମାନବୀୟ ମନର ପ୍ରକୃତି, ଅହଂକାରର ସ୍ୱରୂପ ଓ ଲୋକଚଳଣିର ସମ୍ମିଳିତ ପ୍ରଭାବ ଯୋଗୁଁ ଏହା କେତେବେଳେ ଦୈନିକ ଜୀବନର ଅଙ୍ଗ ହୋଇଯାଏ, ଘର-ଘର ଓ ସମାଜର କାହାଣୀ ହୋଇଯାଏ ଜଣାପଡ଼େ ନାହିଁ, କିନ୍ତୁ ବ୍ୟକ୍ତି ଠାରୁ ନେଇ ପରିବାର ଓ ସମାଜର ସୁଖ-ଶାନ୍ତି ନିମନ୍ତେ ତଥା ସର୍ବତୋମୁଖୀ ବିକାଶ ଦୃଷ୍ଟିରୁ ଏହି ସ୍ଥିତି ବାଞ୍ଛନୀୟ ନୁହେଁ ସାମୂହିକ ଉତ୍କର୍ଷ ସକାଶେ ପାରସ୍ପରିକ ତାଳମେଳ, ସାମଞ୍ଜସ୍ୟ ଓ ନ୍ୟୁନତମ ଉଦାରତା-ସହିଷ୍ଣୁତାର ଆବଶ୍ୟକତା ରହିଛି ।

ପାରସ୍ପରିକ ମତଭେଦ ଓ ଭ୍ରମ-ସଂଶୟ ପ୍ରାୟ କୌଣସି ବଳିଷ୍ଠ ଆଧାର ବିନା ଉତ୍ପନ୍ନ ହୋଇଯାଏ, ଯେଉଁଥିରେ ଭୁଲ ବୁଝାମଣା ପ୍ରମୁଖ କାରଣ ହୋଇଥାଏ । ଏହାର ପ୍ରଧାନ ଆଧାର ହୋଇଥାଏ ପରସ୍ପର ସମ୍ବେଦହୀନତା । ଏଭଳି ସ୍ଥିତିରେ ମନରେ ଉତ୍ପନ୍ନ ସଂଶୟ-ଭ୍ରମର କ୍ଷୁଦ୍ର ବୀଜ ସମୟ ସହିତ ଅଙ୍କୁରିତ ଏବଂ ପୁଷ୍ପିତ-ପଲ୍ଲବିତ ହୋଇ ବିକରାଳ ରୂପ ଧାରଣ କରିଥାଏ । ଏହାର ସରଳ ସମାଧାନ ହୋଇଥାଏ ପରସ୍ପର ସମ୍ବାଦ, ଯେଉଁ ଆଧାରରେ ପରସ୍ପରର ସଂଶୟ, ଭ୍ରମର କୁହୁଡ଼ି ସହଜରେ ଅପସରି ଯାଏ । ଏଥିପାଇଁ ଉଭୟ ପକ୍ଷରୁ ନ୍ୟୁନତମ ସହଯୋଗର ଆଶା ରହିଥାଏ । ଯଦି ଗୋଟିଏ ପକ୍ଷ ଜିଦ୍‌ରେ ଅଟଳ ରହେ, ନିଜର ଦୁର୍ବଳତା ଓ ଅଭାବକୁ ସ୍ୱୀକାର କରିବାର ସାହସ ଓ ସଦ୍‌ଭାବ ଉତ୍ପନ୍ନ କରିପାରେ ନାହିଁ, ତାହେଲେ ମତଭେଦ ଯଥାବତ୍ ରହିଥାଏ, କିନ୍ତୁ ସମାଧାନ ତ ଶେଷରେ ପରସ୍ପର ସମ୍ବାଦ ଆଧାରରେ ହିଁ ସୁନିଶ୍ଚିତ ହୋଇଥାଏ ।

ଦ୍ୱିତୀୟରେ ଯେବେ ପରସ୍ପରର ମତଭେଦର କାରଣ ଈର୍ଷା ଦ୍ୱେଷ, ଦୁର୍ଭାବ ଓ ନକାରାତ୍ମକ ଚିନ୍ତନ ହୁଏ, ତ ସ୍ଥିତି ଆହୁରି କଠିନ ହୋଇଯାଏ, ଯେଉଁଥିରେ ପରସ୍ପର ତୁଳନା ଏବଂ ପ୍ରତିଦ୍ୱନ୍ଦିତାର ଭାବ ରହିଥାଏ । ପ୍ରତିଦ୍ୱନ୍ଦିତା ଯଦି ସୁସ୍ଥ, ତେବେ କିଛି ଖରାପ ହୋଇ ନ ଥାଏ । କାହାରିକୁ ଆଗକୁ ବଢ଼ିବାର ଦେଖି ଯଦି ଆଗକୁ ବଢ଼ିବାର ପ୍ରେରଣା ମିଳେ, ତ ଏହା ବାଞ୍ଛିତ । ମାନବୀୟ ପ୍ରଗତିର ଇତିହାସ ଏ ପ୍ରକାର ପ୍ରେରଣା ଏବଂ ସୁସ୍ଥ ପ୍ରତିସ୍ପର୍ଦ୍ଧା ଉପରେ ଆଧାରିତ, ଯେଉଁଥିରେ ବିଭିନ୍ନ ସଭ୍ୟତା ଓ ସଂସ୍କୃତି ପରସ୍ପରର ପ୍ରଗତିଶୀଳ ଏବଂ ବିକଶିତ ସ୍ୱରୂପରୁ ଶିଖୁଥିଲେ, ଫଳରେ ଆବଶ୍ୟକ ଆଦାନପ୍ରଦାନ ହେଉଥିଲା ତଥା ମାନବୀୟ ସମାଜ ଆଜିର ବିକଶିତ ସ୍ଥିତିରେ ଆସି ପହଞ୍ଚିଲା ।

ମତଭେଦ ଓ ଈର୍ଷାଦ୍ୱେଷର ଗୋଟିଏ କାରଣ ବ୍ୟକ୍ତିର ଆନ୍ତରିକ କୁଣ୍ଠା ବି ହୋଇଥାଏ, ଯେଉଁ କାରଣରୁ ବ୍ୟକ୍ତିର ବ୍ୟକ୍ତିତ୍ୱ ହୀନତାର ଗଭୀର ଭାବରେ କ୍ଲାନ୍ତ ହୋଇଯାଏ । ଏପରି ସ୍ଥିତିରେ ସେ ଅନ୍ୟମାନଙ୍କ ଠାରୁ ପ୍ରେରଣା ନେବା ପରିବର୍ତ୍ତେ, ସେମାନଙ୍କର ନିନ୍ଦା, ଆଲୋଚନା, ଛିଦ୍ରାନ୍ୱେଷଣ କରି ମିଥ୍ୟା ସନ୍ତୋଷ ପାଇବାର ପ୍ରୟାସ କରିଥାଏ । ଏଥିରେ ଯେକୌଣସି ପ୍ରକାରେ ଆଗକୁ ବଢୁଥିବା ବ୍ୟକ୍ତିକୁ ଛୋଟ ଓ ନୀଚ ଦେଖାଇବାର କୁଚେଷ୍ଟା କାମ କରିଥାଏ ଏବଂ ତା'ର ସକାରାତ୍ମକ ପକ୍ଷ ପ୍ରତି ଆଖି ବନ୍ଦ ରହିଥାଏ ।

ଏଥିରେ ସତ୍ୟର ଆଧାର ଅତି ଅଳ୍ପ ହୋଇଥାଏ, ଛୋଟ କଥାକୁ ବଡ଼ କରି ପ୍ରସ୍ତୁତ କରାଯାଏ । ଏହା ସହିତ ସମ୍ବାଦହୀନତାର ସ୍ଥିତିରେ ବ୍ୟକ୍ତି ଭିତରେ ଭିତରେ ଜଳିଥାଏ ଏବଂ ଆଗକୁ ବଢୁଥିବା ବ୍ୟକ୍ତି ପ୍ରତି ମନଃସ୍ଥିତି କ୍ରମଶଃ ବିସ୍ଫୋଟକ ଆକ୍ରୋଶ, ଦ୍ୱେଷ ଓ ଈର୍ଷାର ସ୍ୱରୂପ ନେଇଥାଏ । ଏପରି ସ୍ଥିତି ରହିଲେ ପରସ୍ପର ସମ୍ବାଦ ଓ ଶାନ୍ତି-ସମାଧାନର ସମ୍ଭାବନା ନ୍ୟୁନ ହୋଇଥାଏ ।

ଯଦି ଏହି ଆଧାରରେ କେହି ଆପଣଙ୍କର ଆଲୋଚନା, ନିନ୍ଦା କରେ, ଦୁଷ୍ପ୍ରଚାର କରେ, ବଦନାମ କରେ, ତେବେ ଏହା ଦ୍ୱାରା ପ୍ରଭାବିତ ହେବା ଏବଂ ଏହି ଆଧାରରେ ନିଜର ମୂଲ୍ୟାଙ୍କନ କରିବା ତଥା ଖରାପ ଭାବିବା ପରି କୌଣସି କଥା ନ ଥାଏ । ଥରେ ଏପରି ନିରାଧାର କଥା ଓ ମିଥ୍ୟା ଅଭିଯୋଗଗୁଡ଼ିକୁ ଶୁଣି ବିଚଳିତ ହେବା ସ୍ୱାଭାବିକ, କିନ୍ତୁ ଯଦି ଆମେ ନିଜର ସତ୍ୟ ପ୍ରତି ଜାଗରୂକ ଓ ଅଟଳ ରହିବା ଏବଂ ଆବଶ୍ୟକ ସୁଧାର ସକାଶେ ପ୍ରସ୍ତୁତ ରହିବା, ତାହେଲେ ଏହି ଅଭିଯୋଗ ଆମ ପାଇଁ ଚିତ୍ତଶୁଦ୍ଧି ଓ ଆତ୍ମପରିଷ୍କାରର ସୁଅବସର ପାଲଟିଯାଏ ଏବଂ ଏହା ଆମକୁ ଜୀବନ ପ୍ରତି ଆହୁରି ସ୍ପଷ୍ଟ ତତ୍ତ୍ୱଦୃଷ୍ଟିର ବରଦାନ ଦେଇଯାଏ ।

ଏପରି ସ୍ଥିତିରେ ପ୍ରତିପକ୍ଷୀକୁ ତାହାରି ଭାଷାରେ ଜବାବ ଦେବାର ଅର୍ଥ ଆମେ ମଧ ସେହି ସ୍ତର ପର୍ଯ୍ୟନ୍ତ ଖସିଯାଉଛେ । ଯଦି ସେ ବଦନାମ କି ନିନ୍ଦା କରୁଛି ଏବଂ ଆମେ ମଧ ସେପରି କରି ତା'ର ଜବାବ ଦେଉଛେ, ତେବେ ଏହିପରି କାଦୁଅ ଫିଙ୍ଗା ଯୋଗୁଁ ଉଭୟ ପକ୍ଷର ଚେହେରା ମଳିନ ହେବା ସୁନିଶ୍ଚିତ । ଏହା ଦ୍ୱାରା ସମାଧାନ ଦୃଷ୍ଟିରୁ କିଛି ଲାଭ ହେବ ନାହିଁ, ବରଂ ତାମସା ଦେଖିବା ଲୋକଙ୍କ ପାଇଁ ଦୁଇ ପକ୍ଷ ମନୋରଞ୍ଜନର ମାଧମ ହୋଇଯାନ୍ତି ।

ଏଭଳି ସ୍ଥିତିରେ ଅନ୍ୟମାନଙ୍କ ଅଭିଯୋଗ, ନିନ୍ଦା, ଅପମାନ, କଟୁ ବଚନ ଆଦିର ମର୍ମକୁ ବୁଝିବାର ଆବଶ୍ୟକତା ରହିଛି । ଏଥିରେ ନିହିତ ସାର ତତ୍ତ୍ୱକୁ ଗ୍ରହଣ କରି, ଯଦି କିଛି ସତ୍ୟ ଅଛି ତେବେ ତାହାକୁ ହୃଦୟଙ୍ଗମ କରି ନିଜର ଦୁର୍ଗକୁ ସଶକ୍ତ ଓ ଅଭେଦ୍ୟ କରିବା ଦରକାର । ଏମିତିରେ ବ୍ୟକ୍ତି ସଂଯମ, ସ୍ୱାଧ୍ୟାୟ, ସାଧନା ଓ ସେବାର ମାନଦଣ୍ଡରେ କଷି ହୋଇ, ଉପାସନା-ସାଧନା ଓ ଆରାଧନାର ତ୍ରିବେଣୀରେ ସ୍ନାନ କରି ନିଜ ଅସ୍ତିତ୍ୱର ମୂଳକୁ ଆହୁରି ସୁଦୃଢ଼ କରିପାରେ । ଏପରି ହେଲେ ପ୍ରତିପକ୍ଷୀର ଅନାବଶ୍ୟକ କ୍ରୋଧ, ଆକ୍ରୋଶ ଓ ଦୁର୍ଭାବ ତା'ଠାରେ ସୀମିତ ରହେ ଏବଂ ନିଜର ଶାନ୍ତି, ସ୍ଥିରତା ଓ ଧୈର୍ଯ୍ୟ ନିଜ ମୁଠାରେ ରହିଥାଏ । ଯଦି ପ୍ରତିପକ୍ଷୀ ଅଳ୍ପ ବୁଦ୍ଧିମାନ୍ ଓ ସମ୍ବେଦନଶୀଳ ହେବ ତେବେ ନିଜର ଆବେଶ, ଆବେଗ ଓ କ୍ରୋଧ ଶାନ୍ତ ହେବା ପରେ ନିଜ ଭୁଲର ଅନୁଭବ ଅବଶ୍ୟ କରିବ ଏବଂ ନିଜ ଆଚରଣରେ ବାଞ୍ଛିତ ସୁଧାର କରିବ, କିନ୍ତୁ ଯଦି ତା'ର ଅସୁରକ୍ଷା, ଦୁର୍ବଳତା, ସଂଶୟ, ନକାରାତ୍ମକତା, ଅହଂ ଓ ସ୍ୱାର୍ଥର ଭାବ ଗଭୀର ହୋଇଥାଏ, ତେବେ ଏଥିରେ ଅଧିକ ସମୟ ଲାଗିପାରେ । ଏପରି ନିର୍ବୋଧ, ଭ୍ରମିତ, ନକାରାତ୍ମକ, ଭୟ-ଆଶଙ୍କା ଓ ଅଜ୍ଞାନତା ଗ୍ରସ୍ତ ବ୍ୟକ୍ତି ସହିତ ଝଗଡ଼ା କରି କିଛି ଲାଭ ନାହିଁ । ନିଜର ସ୍ତରକୁ ତା' ସ୍ତର ପର୍ଯ୍ୟନ୍ତ ଖସାଇବାରେ କୌଣସି ବୁଦ୍ଧିମତ୍ତା ନାହିଁ । ଏହା ପ୍ରତ୍ୟେକ ଦୃଷ୍ଟିରୁ କ୍ଷତିର ବେପାର ହୋଇଥାଏ ।

ମହର୍ଷି ପତଞ୍ଜଳିଙ୍କ କଥା ଅନୁସାରେ ଏପରି ବ୍ୟକ୍ତିଙ୍କ ପ୍ରତି ଉପେକ୍ଷା ଓ ମୌନର ଭାବ ହିଁ ଉଚିତ ହୋଇଥାଏ । ଏପରି କରିବା ଦ୍ୱାରା ଆମେ ଆରୋପ-ପ୍ରତ୍ୟାରୋପର କୁଚକ୍ରରୁ ବର୍ତ୍ତିଯାଉ ଏବଂ ନିଜ ମନର ଶାନ୍ତି, ସ୍ଥିରତା ଓ ପ୍ରସନ୍ନତା ମଧ ନିଜ ମୁଠାରେ ରହିଥାଏ । ଏହିପରି ନକାରାତ୍ମକ ମନଃସ୍ଥିତିରେ ଆକ୍ରାନ୍ତ ବ୍ୟକ୍ତିକୁ ତା'ର ସ୍ଥିତିରେ ରହିବାକୁ ଛାଡ଼ି ଦେବା ଉଚିତ । ଈଶ୍ୱରୀୟ ବିଧାନ ଉପରେ ଆସ୍ଥା ଆମକୁ ନିଜର ଶ୍ରେଷ୍ଠ କର୍ମଗୁଡ଼ିକରେ କେନ୍ଦ୍ରିତ ହେବାର ବୁଦ୍ଧି ଓ ଶକ୍ତି ଦେଇଥାଏ ।

ଏଣୁ ଅକାରଣ ବିରୋଧ ଓ ବିଦ୍ୱେଷ ହେଲେ ଆମେ ଏଥରେ ଫସିଯିବା ପରିବର୍ତ୍ତେ ନିଜର ଶୁଭ କର୍ମଗୁଡ଼ିକ ଉପରେ ଧ୍ୟାନ ଦେବା ଉଚିତ । ନିଜ କର୍ତ୍ତବ୍ୟ କର୍ମଗୁଡ଼ିକ ଉପରେ କେନ୍ଦ୍ରିତ ରହିବା, ନିଜର ପୁଣ୍ୟ ଓ ତପର କୋଷ ବୃଦ୍ଧି କରିବା ଦରକାର । ସମାଜ ଓ ଲୋକହିତରେ ଯାହା କିଛି ହୋଇ ପାରୁଛି, ସେଥିରେ ସଂଲଗ୍ନ ରହିବା ଆବଶ୍ୟକ । ବିରାଟ ଲକ୍ଷ୍ୟ ଉପରେ କେନ୍ଦ୍ରିତ ଏହି ମନଃସ୍ଥିତି ହିଁ ଅକାରଣ ବିଦ୍ୱେଷ ଓ ବିରୋଧରୁ ବଞ୍ଚିବାର ରାଜମାର୍ଗ ।

## ଟିକିଏ ହସନ୍ତୁ

ସୋନୁ : ମତେ ଗିରଫ କର । ମୁଁ ମୋ ସ୍ତ୍ରୀ ମୁଣ୍ଡରେ ଠେଙ୍ଗା ମାରିଛି ।
ପୁଲିସ୍ : ସେ କ'ଣ ମରିଗଲେ ?
ସୋନୁ : ନାଇଁ ବଞ୍ଚିଗଲା । ଜଲଦି ଗିରଫ କର । ନହେଲେ ମୁଁ ମରିବି ।

× × × ×

ମା : ଏତେ ରାତିରେ କାହାକୁ ଦେଖା କରି ଆସିଲୁ ?
ଝିଅ : ମୋ ବଏଫ୍ରେଣ୍ଡକୁ ।
ମା : ମୁହଁ କଳା କରିଦେଇ ଆସିଲୁ ।
ଝିଅ : ମୋ ପାଖରେ ଫେୟାର ଆଣ୍ଡ ଲଭ୍‌ଲି ଅଛି ।

× × ×

ପପୁ : ତତେ ବି ଚିକେନ ପକ୍ସ ହୋଇଥିଲା ?
ସିପୁ : ମତେ ଚିକେନପକ୍ସ ହୋଇପାରିବନି । କାରଣ ମୁଁ ଭେଜିଟେରିଆନ ।

× × × ×



ଚିଣ୍ଟୁ : ମିଛ ସବୁ ମିଛ ।
ପିଣ୍ଟୁ : କ'ଣ ମିଛ ?
ଚିଣ୍ଟୁ : ଦେଖ ଟଏଲେଟ ବାହାରେ ଲେଖା ହୋଇଛି ଲେଡିଜ୍ ।
ହେଲେ ମୁଁ ଭିତରକୁ ଯାଇ ଦେଖିଲି ଗୋଟିଏ ବି ଲେଡିଜ୍ ନାହାନ୍ତି ।

× × × ×

ବାପା : କ'ଣ ପାଇଁ କାନ୍ଦୁଛୁ ?
ପୁଅ : ଟିଚର୍ ମାରିଲେ ।
ବାପା : ନିଶ୍ଚୟ ତୁ କିଛି ବଦମାସି କରିଥିବୁ ।
ପୁଅ : ନାଁ ବାପା, ମୁଁ ତ କ୍ଲାସରୁମରେ ଆରାମରେ ଶୋଇଥିଲି ।

× × × × × ×

ସ୍ୱାମୀ : ବାହାଘର ପୂର୍ବରୁ ତୁମର କେତେଟା ବଏଫ୍ରେଣ୍ଡ ଥିଲେ ?
ସ୍ତ୍ରୀ ଚୁପ୍ ।
ସ୍ୱାମୀ : ତୁମ ଚୁପ୍‌ରୁ ମୁଁ କ'ଣ ବୁଝିବି ?
ସ୍ତ୍ରୀ : ଓଃ ହୋ ରୁହ ମୁଁ ଗଣୁଛି ।

× × × × × ×

ଅତିଥି : ଆଉ ପପୁ, ଆଗକୁ କ'ଣ କରିବାର ପ୍ଲାନ ଅଛି ।
ପପୁ : ବାସ୍ ଆପଣ ଯିବା ପରେ ପ୍ଲେଟରେ ବଳିଥିବା ବିସ୍କୁଟ ସବୁ ଖାଇବି ।
ନମ୍‌କିନ୍ ତ ଆପଣ ଛାଡ଼ି ନାହାନ୍ତି ।

× × × × × ×

ଡକ୍ଟର : ଏବେ ତୁମ ମୁଣ୍ଡବିନ୍ଧା କେମିତି ଅଛି ?
ରୋଗୀ : ସାର୍, ସେ ତ ତା ବାପଘରକୁ ଚାଲିଯାଇଛି ।

## ୟୁରିନ ଇନଫେକ୍ସନ ଦୂର କରେ ଭିଜାବୁଟ

ବହୁ ଲୋକ ଭିଜାବୁଟ ଖାଇବାକୁ ପସନ୍ଦ କରନ୍ତି, କିନ୍ତୁ ଏହାର ଉପକାର ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ । ଏଥିରେ ଫାଇବର, ପ୍ରୋଟିନ୍, ମିନେରାଲ, ଭିଟାମିନ୍ ଆଦି ତତ୍ତ୍ୱ ଭରି ରହିଛି ।

ମୁଠାଏ ବୁଟକୁ ମାଟି ବା କାଚ ପାତ୍ରରେ ସାରା ରାତି ଭିଜାଇ ଦିଅନ୍ତୁ । ସକାଳୁ ଖାଲି ପେଟରେ ଏହାକୁ ପାଣିରୁ ବାହାର କରି ଚୋବାଇ ଚୋବାଇ ଖାଆନ୍ତୁ ।

**କବ୍‌ଜ ଦୂର :** ଭିଜା ବୁଟରେ ବହୁଳ ଭାବରେ ଫାଇବର ରହିଥିବା ଯୋଗୁଁ ପାଚନ ଶକ୍ତିକୁ ଠିକ୍ କରିବା ସହିତ ପେଟକୁ ସଫା କରିବାରେ ସହାୟକ ହୋଇଥାଏ । ପେଟ ସଫା ହେଲେ କବ୍‌ଜ ଦୂର ହୋଇଥାଏ ।

**ୟୁରିନ ଇନଫେକ୍ସନ ଦୂର ହୋଇଥାଏ :** ବାରମ୍ବାର ପରିସ୍ରା ଯିବା ଚିନ୍ତାକୁ ଦୂର କରେ ଭିଜା ବୁଟ । ପ୍ରତିଦିନ ଗୁଡ଼ ସହିତ ଚଣାକୁ ଖାଇବା ଦ୍ୱାରା ୟୁରିନ ଇନଫେକ୍ସନ ଦୂର ହୋଇଥାଏ ।

**ଭରପୁର ଏନର୍ଜି :** ଏଥିରେ ପ୍ରଚୁର ଏନର୍ଜୀର ସ୍ରୋତ ରହିଛି । ପ୍ରତିଦିନ ଭିଜାବୁଟ ଖାଇବା ଫଳରେ



ଶାରୀରିକ କମଜୋର ଦୂର ହୋଇଥାଏ ।

**ପୁରୁଷଙ୍କ ପାଇଁ ଉତ୍ତମ :** ଭିଜା ବୁଟ ପୁରୁଷଙ୍କ ପାଇଁ ଖୁବ୍ ଉପକାର । ୧ ଚାମଚ ଚିନିରେ ମୁଠାଏ ଭିଜା ବୁଟ ଚୋବାଇ ଖାଇବା ଫଳରେ ପୁରୁଷଙ୍କ ପୁରୁଷତ୍ୱ ବୃଦ୍ଧି କରିବା ସହିତ କମଜୋରପଣକୁ ଦୂର କରିଥାଏ ।

ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୨୧, ୨୨ - ୨୮ ମଇ ୨୦୨୨

# ଅମୂଲ୍ୟ ସଂପଦ ଜଳ

‘ଜଳ ହିଁ ଜୀବନ’ ଏହି ଉକ୍ତିଟିକୁ ପ୍ରାୟ ଆମେ ଶୁଣିଥାଉ । ‘ପାଣି ବିନା ସବୁ ଶୂନ୍ୟ’ । ଏହି ଉକ୍ତିର ଆଶୟ ହେଉଛି ପୃଥିବୀରେ ଜୀବନର ଆଧାର ହେଉଛି ଜଳ । ଏହାର ଅଭାବରେ ସମଗ୍ର ଧରିତ୍ରୀ ଗୋଟିଏ ମରୁଭୂମିରେ ପରିବର୍ତ୍ତିତ ହୋଇଯିବ । ଆମେ ଭାଗ୍ୟଶାଳୀ ଯେ ଏହି ବ୍ରହ୍ମାଣ୍ଡରେ ପୃଥିବୀ ହିଁ ଏପରି ଏକ ଗ୍ରହ, ଯାହା ଜଳ ସଂପଦରେ ପରିପୂର୍ଣ୍ଣ, କିନ୍ତୁ ମନୁଷ୍ୟମାନଙ୍କ ନିର୍ବୋଧତା କାରଣରୁ ଏହି ଜଳ ସଂପଦ ଦିନକୁ ଦିନ କେବଳ କମ୍ ହେଉନାହିଁ, ବରଂ ପ୍ରଦୂଷିତ ହୋଇ ଚାଲିଛି । ଏହି ସଂପଦ ଉପରେ ଆଜି ସଂକଟର ବାଦଲ ଘୋଟିଛି ।

ଜଳ ଉପରେ ଜୀବନ ନିର୍ଭର କରେ । ଜଳ ସହିତ ଆମର ଜୀବନ ମଧ ସଂକଟଗ୍ରସ୍ତ ହେବାରେ ଲାଗିଛି । ଏହି ବିପଦ ଦିନକୁଦିନ ଘନୀଭୂତ ହେବାରେ ଲାଗିଛି ଆଉ ଭବିଷ୍ୟତରେ ଏହାର ପ୍ରଭାବ ଅଧିକ ସଂକଟପୂର୍ଣ୍ଣ ହେବ । ସମୟ ଥାଉ ଥାଉ ଏଥିରୁ ମୁକ୍ତ ହେବା ପାଇଁ ଜଳ ସଂରକ୍ଷଣକୁ ଏକ ଜନ ଆନ୍ଦୋଳନର ରୂପ ପ୍ରଦାନ କରିବାର ଆବଶ୍ୟକତା ରହିଛି । ପାଣିର ଏହି ସମସ୍ୟା ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ଘନୀଭୂତ ହେବାରେ ଲାଗିଛି । ବର୍ତ୍ତମାନ ମୌସୁମୀ ବିଳମ୍ବରେ ପହିଞ୍ଚବାର କାରଣ ହେଉଛି ବୃଦ୍ଧି ପାଉଥିବା ପ୍ରଦୂଷଣ ଆଉ ଏଥିଯୋଗୁଁ ହେଉଥିବା ଜଳବାୟୁ ପରିବର୍ତ୍ତନ ।

ଦେଶରେ ଜଳ ସଂକଟକୁ ଦେଖି ସରକାର ‘ଜଳ ଶକ୍ତି ମନ୍ତ୍ରାଳୟ’ ଗଠନ କରିଛନ୍ତି । ଗ୍ରାମ ସ୍ୱରାଜ୍ୟ ଅନ୍ତର୍ଗତ ସରକାର ଘୋଷଣା କରିଛନ୍ତି ଯେ ୨୦୨୪ ସୁଦ୍ଧା ପ୍ରତ୍ୟେକ ଘରେ ଶୌଚାଳୟ ସହିତ ଘରକୁ ‘ନଳ ଦ୍ୱାରା ଜଳ’ର ଆପୂର୍ତ୍ତି ସୁନିଶ୍ଚିତ କରିବେ । ପ୍ରଶ୍ନ ଉଠୁଛି ଯେ ଘରମାନଙ୍କରେ ଜଳର ଆପୂର୍ତ୍ତି ପାଇଁ ସେହି ଜଳ କେଉଁଠାରୁ ଆଣିବେ ? ସରକାର କ’ଣ ଜଳର ଆପୂର୍ତ୍ତି ପାଇଁ ବୋରିଙ୍ଗ କରି ଭୂମିଗତ ଜଳର ହିଁ ଉପଯୋଗ କରିବେ ? ଏହି ପ୍ରଶ୍ନ ଏଥିପାଇଁ ଉଠୁଛି ; କାରଣ ଦେଶର କେତେକ ଭାଗରେ ଭୂମିଗତ ଜଳର ସ୍ତର ବିଗତ ଚାରି ଦଶକରେ ୨୦ ରୁ ୫୦ ଫୁଟ ପର୍ଯ୍ୟନ୍ତ ତଳକୁ ଖସିଯାଇଛି ।

ଦେଶର ଏପରି କେତେକ କ୍ଷେତ୍ର ଅଛି, ଯେଉଁଠି ଏପ୍ରିଲ ଆସୁ ଆସୁ ନଈ-ଗାଡ଼ିଆ ସହିତ ହ୍ୟାଣ୍ଡପମ୍ପ ଗୁଡ଼ିକ ମଧ ଶୁଖିଯାଏ । ଏହାର ତାତ୍କାଳିକ ଉପାୟ ରୂପେ ରାଜ୍ୟ ସରକାରମାନେ ହ୍ୟାଣ୍ଡପମ୍ପର ଗଭୀରତା ବଢ଼ାଇ ଚାଲିଛନ୍ତି, କିନ୍ତୁ ଭୂଗର୍ଭ ଜଳ ଦ୍ରୁତ ବେଗରେ ତଳକୁ ଖସୁଛି, ଏଣୁ ପାନୀୟ ଜଳର ସଂକଟ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି । ଦେଖିବାକୁ ଗଲେ ତିନି ପଟେ ସମୁଦ୍ର ଓ ଉତ୍ତରରେ ହିମାଳୟ ଦ୍ୱାରା ଘେରେଇ ହୋଇଥିବା ରାଷ୍ଟ୍ର ସମକ୍ଷରେ ଆଜି ଯେଉଁ ଜଳ ସଂକଟ ସୃଷ୍ଟି ହୋଇଛି, ସେଥିପାଇଁ ଆମେ ନିଜେ ହିଁ ଦାୟୀ ।

ବାସ୍ତବରେ ଆମେ ଜଳ ସଂରକ୍ଷଣର ନିଜସ୍ୱ ପାରମ୍ପରିକ ଉପାୟଗୁଡ଼ିକୁ ଭୁଲି ଯାଇଛେ । ଗାଁମାନଙ୍କରେ ଆଜି ମଧ ଏକ ଲୋକୋକ୍ତି ପ୍ରଚଳିତ- ‘ଉପର ଜଳ ଉପର ପାଇଁ ଓ ତଳ ଜଳ ପିଇବା ପାଇଁ ।’ ଅର୍ଥାତ୍ ଦୈନିକ ନିତ୍ୟକର୍ମ ଯେପରି ଶୌଚ, ସ୍ନାନ, ଲୁଗା ଧୋଇବା, ପଶୁମାନଙ୍କ ପାଇଁ ଓ କୃଷି କାର୍ଯ୍ୟ ହେତୁ ବର୍ଷାଜଳର ଉପଯୋଗ କରାଯାଉଥିଲା ଏବଂ ରୋଷେଇ କରିବା ଓ ପିଇବା ପାଇଁ କୂଅ ମାଧମରେ ଭୂମିଗତ ଜଳର ବ୍ୟବହାର କରାଯାଉଥିଲା । ବର୍ଷାଜଳ ସଂଗ୍ରହ ପାଇଁ ଗାଡ଼ିଆ, ପୁଷ୍କରିଣୀ ଆଦି ଥିଲା, ଯାହାକୁ ଦେଖାରଖା କରିବାର ଦାୟିତ୍ୱ ସମସ୍ତଙ୍କର ଥିଲା । ହିମାଳୟରୁ ବାହାରି ଥିବା ନଦୀଗୁଡ଼ିକରେ ବର୍ଷ ତମାମ ଶୁଦ୍ଧ ଜଳର ପ୍ରବାହ ପର୍ଯ୍ୟାପ୍ତ ମାତ୍ରାରେ ରହୁଥିଲା ।

ଅତୀତରେ ହିମାଳୟରେ ବରଗଛ, ଜାମୁକୋଳି, ମହୁଲ, ଡିମିରି ଆଦି ଫଳ ଓ ଦୃଢ଼ ମୂଳ ବିଶିଷ୍ଟ ଗଛ ଥିଲା, ଯାହା ନିଜର ମୂଳ ଦ୍ୱାରା ମାଟିକୁ ବାନ୍ଧି ରଖୁଥିଲା । ବର୍ଷା ସମୟରେ ଏହି ବୃକ୍ଷଗୁଡ଼ିକର ମୂଳ କାରଣରୁ ବର୍ଷାଜଳ ହିମାଳୟରେ ଅଟକି ରହୁଥିଲା ଏବଂ ଧୀରେ ଧୀରେ ଝରି ନଦୀଗୁଡ଼ିକରେ ପ୍ରବାହିତ ହେଉଥିଲା, କିନ୍ତୁ ଇଂରେଜମାନେ ରେଳ ପଟି ପାଇଁ କାମରେ ଲାଗୁଥିବା ବୃକ୍ଷଗୁଡ଼ିକ ବିକଶିତ କଲେ, ସେହି ଗଛଗୁଡ଼ିକ ରେଳ ପଟି ପାଇଁ ତ କାମରେ ଆସୁଥିଲା, କିନ୍ତୁ ସେଗୁଡ଼ିକର ଛାଇ ତଳେ ଘାସ ମଧ ଉଠୁ ନ ଥିଲା ।

ଆମର ଉପେକ୍ଷା ଓ ଜଙ୍ଗଲଗୁଡ଼ିକର ଆଖିବୁଜା ହନନ ଦ୍ୱାରା ହିମାଳୟରେ ଧୀରେ ଧୀରେ ଦୃଢ଼ ମୂଳ ବିଶିଷ୍ଟ ବୃକ୍ଷ ସମାପ୍ତ ହୋଇଗଲା । ପରିଣାମ ଆମ ସାମନାରେ ରହିଛି । ବର୍ଷାଜଳ ସହିତ ହିମାଳୟରୁ ଆନିତ ମାଟି ଓ ବାଲି କାରଣରୁ ନଦୀଗୁଡ଼ିକରେ ଶିଳା-ଚଟାଣ ସୃଷ୍ଟି ହେବାର ସମସ୍ୟା ଉତ୍ପନ୍ନ ହେଉଛି । ନଦୀଗୁଡ଼ିକରେ ଜଳ ପ୍ରବାହ ଓ ଜଳର ପରିଣାମ ଦ୍ରୁତ ଗତିରେ ହ୍ରାସ ପାଉଛି । ଜଳ ପ୍ରବାହ କମିଯିବା ଏବଂ ସହରୀ ସଂସ୍କୃତିର ପ୍ରଭାବରେ ସ୍ୱେରେଜ ଓ ଦୂଷିତ ଜଳକୁ ପ୍ରବାହିତ କରିବା ଦ୍ୱାରା ନଦୀଗୁଡ଼ିକ ଏତେ ପ୍ରଦୂଷିତ ହୋଇଯାଇଛି ଯେ ମନୁଷ୍ୟ କଥା ଛାଡ଼, ପଶୁ-ପକ୍ଷୀମାନେ ମଧ ସେହି ଜଳର ଉପଯୋଗ କରନ୍ତି ନାହିଁ ।

ଜଳ ସଂକଟର ଦ୍ୱିତୀୟ ସବୁଠାରୁ ବଡ଼ କାରଣ ହେଉଛି ଆଧୁନିକତା ଓ ସୁବିଧାଯୁକ୍ତ ଜୀବନଶୈଳୀ । ଜଣେ ବ୍ୟକ୍ତି ଶୌଚ ଓ ପରିସ୍ରା ପାଇଁ ଯେତେବେଳେ ଶୌଚାଳୟ ଯାଏ, ସେତେବେଳେ ଫ୍ଲାଶ ମାରିଥାଏ । ଏହି କ୍ରମରେ ସେ ପ୍ରାୟ ୪-୫ ଲିଟର ଶୁଦ୍ଧ ପାଣିକୁ ଗନ୍ଧିଆ ନାଳରେ ବୁହାଇ ଦେଇଥାଏ । ପ୍ରତି ବ୍ୟକ୍ତି ଅତି କମ୍‌ରେ ଦିନକରେ ୩୦ – ୩୫ ଲିଟର ପାଣି ବରବାଦ କରିଥାଏ । ପ୍ରଥମେ ନଦୀ-ପୁଷ୍କରିଣୀରେ ସ୍ନାନ କରିବା ସଙ୍ଗେ ସଙ୍ଗେ ସେଠାରେ କପଡ଼ା ମଧ ଧୁଆ ଯାଉଥିଲା । ଏବେ ଘରେ ଘରେ ୱାଶିଙ୍ଗ ମେସିନ୍‌ରେ କେତେ ଜଳର ବ୍ୟବହାର ହୋଇଥାଏ, ଏହାର କୌଣସି ହିସାବ ନାହିଁ । ପାନୀୟ ଜଳ ପାଇଁ ଘରଗୁଡ଼ିକରେ ଲାଗିଥିବା ‘ଆର.ଓ.’ ମେସିନ୍ ଅଧା ଲିଟର ପାଣି ନଷ୍ଟ କରି ଏକଲିଟର ପାଣି ସଫା କରିଥାଏ ।

ଦେଶରେ ଉତ୍ପନ୍ନ ଜଳ ସଂକଟର ଆଉ ଏକ ବଡ଼ କାରଣ ହେଉଛି ବୋରିଙ୍ଗ । ଆଜି ଗାଁ ଠାରୁ ନେଇ ସହରଗୁଡ଼ିକ ପର୍ଯ୍ୟନ୍ତ ବୋରିଙ୍ଗ ମାଧମରେ ଭୂମିଗତ ଜଳର ତୀବ୍ର ଗତିରେ ଦୋହନ ହେଉଛି । ସରକାର ମଧ କୃଷି କାର୍ଯ୍ୟ ପାଇଁ କୃଷକମାନଙ୍କୁ ସବ୍‌ସିଡି ଦେଉଛି । ବୋରିଙ୍ଗ କାରଣରୁ ହ୍ରାସ ପାଉଥିବା ଭୂମିଗତ ଜଳସ୍ତରର ପ୍ରଭାବ ପାନୀୟ ଜଳ ପାଇଁ ଲଗା ଯାଇଥିବା ହ୍ୟାଣ୍ଡପମ୍ପ ଓ କୂଅଗୁଡ଼ିକ ଉପରେ ପଡୁଛି ।

ଯଦ୍ୟପି ଏଣେ ବର୍ଷାରେ ଭୂମିଗତ ଜଳକୁ ‘ରିଚାର୍ଜ’ କରିବା ଓ ‘ଅପଶିଷ୍ଟ’ ଜଳର ପୁନପ୍ରୟୋଗ ଉପରେ ଧ୍ୟାନ ଦିଆଯାଉଛି, କିନ୍ତୁ ସମସ୍ୟାର ସମାଧାନ ଦୃଷ୍ଟିରୁ ଏହା ଓଟ ମୁହଁରେ ଜୀରା ଦେବା ସଙ୍ଗେ ସମାନ । ଜଳ ସଂରକ୍ଷଣ ପାଇଁ ସରକାରଙ୍କୁ ସର୍ବପ୍ରଥମେ ବୋରିଙ୍ଗର ଉପଯୋଗ ବିଷୟରେ କୌଣସି ନୀତିଗତ ନିର୍ଣ୍ଣୟ ନେବାକୁ ହେବ । କୃଷି ପାଇଁ କେନାଲ, ପୁଷ୍କରିଣୀ ବା ଅନ୍ୟ ବିକଳ୍ପଗୁଡ଼ିକର ସନ୍ଧାନ କରିବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଜୀବନରେ ଆସିଥିବା ପରିବର୍ତ୍ତନ କାରଣରୁ ବରବାଦ ହେଉଥିବା ଜଳର ପୁନପ୍ରୟୋଗର ଯୋଜନାକୁ କଡ଼ାକଡ଼ି ଭାବେ ଲାଗୁ କରିବା ଉଚିତ, ନଚେତ୍ ଏହି ସଂକଟ ଅତିଶୀଘ୍ର ‘ଜଳ ଯୁଦ୍ଧର ରୂପ ଗ୍ରହଣ କରି ପାରେ । ଏଣୁ ଆମେ ସମୟ ଥାଉ ଥାଉ ସାବଧାନ ଏବଂ ସତର୍କ ହୋଇଯିବା ଆବଶ୍ୟକ ।



# ପାଶ୍ଚାତ୍ୟ ସଂସ୍କୃତି

## ମହାତ୍ମା ଗାନ୍ଧୀ

ମୋ’ ବିଷୟରେ କହିବାକୁ ଗଲେ, ପାଶ୍ଚାତ୍ୟ ସଂସ୍କୃତି ପ୍ରତି ମୁଁ ମୋ’ର ଋଣ ଅବଶ୍ୟ ସ୍ୱୀକାର କରିଛି ସତ, ମାତ୍ର ମୁଁ ତଥାପି କହିପାରିବି ଯେ, ମୁଁ ଆପଣା ଜାତିର ଯାହାକିଛି ସେବା କରି ପାରିଛି, ଯଥାସମ୍ଭବ ପ୍ରାଚ୍ୟ ସଂସ୍କୃତିକୁ ନିଜ ଭିତରେ ଧାରଣ କରି ରଖିବା ଦ୍ୱାରା ହିଁ ତାହା ସମ୍ପୂର୍ଣ୍ଣଭାବରେ ସମ୍ଭବ ହୋଇଛି । ନଚେତ୍, ଜଣେ ଇଂରେଜୀପଣ ଦ୍ୱାରା ପ୍ରଭାବିତ ହୋଇଥିବା ଓ ନିଜ ଜାତିତ୍ୱକୁ ହରାଇ ବସିଥିବା ମଣିଷ ହିସାବରେ ମୁଁ ଏହି ଦେଶର ଜନଗଣଙ୍କ ଲାଗି ଗୋଟାସୁଦ୍ଧା ଅନୁପଯୋଗୀ ହୋଇ ପଡ଼ିଥାନ୍ତି । ସେମାନଙ୍କର ରୀତି, ଅଭ୍ୟାସ, ଭାବନା ଏବଂ ଆକାଂକ୍ଷାଗୁଡ଼ିକ ବିଷୟରେ କିଛି ଜାଣି ନଥାନ୍ତି, ସେଗୁଡ଼ିକୁ ଆହୁରି କମ୍ ଖାତିରି କରୁଥାନ୍ତି ଓ ସମ୍ଭବତଃ ସେଗୁଡ଼ିକୁ ଘୃଣା ବି କରୁଥାନ୍ତି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଇଉରୋପୀୟ ସଭ୍ୟତା ଇଉରୋପୀୟମାନଙ୍କ ଲାଗି ଅତ୍ୟନ୍ତ ଅନୁକୂଳ, ମାତ୍ର ଯଦି ଆମେ ଏହାର ନକଲ କରିବାକୁ ଉଦ୍ୟମ କରିବା, ତେବେ ତାହା ଆମ ସର୍ବନାଶର କାରଣ ହେବ । ଏହାଦ୍ୱାରା ମୁଁ ଏପରି ଆଦୌ କହୁନାହିଁ ଯେ, ଯାହାକିଛି ଉତ୍ତମ ଓ ଯାହା କିଛିକୁ ଆମେ ଗ୍ରହଣ କରି ପାରିବା ତାହାକୁ ଆମେ ଆଦୌ ଗ୍ରହଣ କରିବାନାହିଁ କି ସ୍ୱୀକାର କରି ନେବାନାହିଁ । ମାତ୍ର ତା’ର ଏପରି ମଧ ଅର୍ଥ ନୁହେଁ ଯେ, ଜଣେ ଇଉରୋପୀୟ, ତା’ର ଏହି ସଭ୍ୟତା ଭିତରକୁ ଯାହାକିଛି ମନ୍ଦ ଆସି ପଶି ଯାଇଥବ, ସେଗୁଡ଼ିକୁ ତାକୁ ମଧ ଛାଡ଼ିବାକୁ ପଡ଼ିବନାହିଁ ।

ଭୌତିକ ସୁଖଲାଗି ଏହିପରି ଭାବରେ ନିରତ ଧାବମାନ ହୋଇ ରହିବା ଏବଂ ସେଗୁଡ଼ିକୁ ବହୁଗୁଣିତ କରିବା ହେଉଛି ସେହିପରି ଗୋଟିଏ ମନ୍ଦ ଏବଂ ମୁଁ ସାହସର ସହିତ କହିବି ଯେ, ଇଉରୋପୀୟ ମାନେ କାଳକ୍ରମେ ଯେଉଁସବୁ ସୁଖ ଓ ଆରାମର ଦାସ ହୋଇ ପଡୁଛନ୍ତି, ଯଦି ସେମାନେ ଆପଣାର ଦୃଷ୍ଟିକୋଣକୁ ଭିନ୍ନପ୍ରକାରେ ନ ଗଢ଼ିବେ, ତେବେ ସେହିସବୁ ସୁଖର ଭାରୀ ବୋଝତଳେ ସେମାନେ ମଧ ଦିନେ ବିଲୁପ୍ତ ହୋଇଯିବେ । ସମ୍ଭବତଃ ମୋ’ର ଅନୁମାନ ଭୁଲ ହୋଇପାରେ, ମାତ୍ର ମୁଁ ଭଲଭାବରେ ଜାଣେ ଯେ ସେହି ସୁନା ମୃଗ ପଛରେ ଦଉଡ଼ିବା ଭାରତବର୍ଷ ପକ୍ଷରେ ସୁନିଶ୍ଚିତ ମୃତ୍ୟୁକୁ ବରଣ କରିବାପରି ହିଁ ହେବ ।

ଜଣେ ପାଶ୍ଚାତ୍ୟ ଦାର୍ଶନିକ ‘‘ସରଳ ଜୀବନ ଏବଂ ଉଚ୍ଚ ଚିନ୍ତନ’’ ବୋଲି ଯେଉଁ ନୀତିଟିର କଥା କହିଥିଲେ, ଆମେ ସେଇଟିକୁ ଆମମାନଙ୍କ ହୃଦୟ ଭିତରେ ଖୋଦିତକରି ରଖିବା । ଆଜି ଏହି କଥାଟି ଏକାନ୍ତ ସତ୍ୟ ଯେ କୋଟି କୋଟି ମନୁଷ୍ୟଙ୍କ ନିମନ୍ତେ ଏଠାରେ ଆଉ କୌଣସି ଉଚ୍ଚ ଜୀବନର ସମ୍ଭାବନା ନାହିଁ ଓ ଆମେ ଅଳ୍ପ କେତେ ବ୍ୟକ୍ତି, ଯେଉଁମାନେ ଜନଗଣଙ୍କଲାଗି ସବୁଯାକ ଚିନ୍ତା କରୁଛୁ ବୋଲି କହୁଛୁ, ଏକ ଉଚ୍ଚତର ଜୀବନର ବୃଥା ଅନୁଧାବନରେ, ଆମେ ହୁଏତ ଉଚ୍ଚ ଚିନ୍ତନର ଯାବତୀୟ ସାମର୍ଥ୍ୟକୁ ହରାଇ ବସିବାର ଆଶଙ୍କାକୁ ଡାକିଆଣୁଛୁ ।

ମୁଁ ଭାବୁଛି ଯେ, ଆମ ପାଇଁ ଆଉ କେହି ଆସି କଦାପି ଆମ ସଂସ୍କୃତିର ରକ୍ଷା କରି ପାରିବ ନାହିଁ । ଆମ ନିଜକୁ ଏହାର ରକ୍ଷା କରିବାକୁ ହେବ ଓ ଆମ ନିଜ ନିର୍ବୋଧତାଦ୍ୱାରା ଆମେ ତାହାକୁ ନଷ୍ଟ ବି କରିଦେଇ ପାରିବା ।

ଆମେ ରାଜନୀତିକ କ୍ଷେତ୍ରରେ ସ୍ୱାଧୀନ ହେଲୁ ସତ, ମାତ୍ର ପାଶ୍ଚାତ୍ୟର ସୂକ୍ଷ୍ମ ଅଧିପତିତ୍ୱରୁ ଆମେ କ୍ୱଚିତ୍ ମୁକ୍ତହୋଇ ପାରିଛୁ । ରାଜନୀତିରେ ରହିଥିବା ଯେଉଁ ବ୍ୟକ୍ତିମାନେ ସବୁକିଛି ଜ୍ଞାନ କେବଳ ପାଶ୍ଚାତ୍ୟ ଜଗତରୁ ଆସି ପାରିବ ବୋଲି ଭାବନ୍ତି, ସେମାନଙ୍କୁ ମୋ’ର ଆଦୌ କିଛିହେଲେ କହିବାର ନାହିଁ । ମାତ୍ର, ମୁଁ ଏଭଳି ଗୋଟିଏ ବିଶ୍ୱାସକୁ ମଧ ଆଦୌ ସମର୍ଥନ କରିପାରୁ ନାହିଁ ଯେ, ପାଶ୍ଚାତ୍ୟ ଜଗତରୁ ଭଲ ବୋଲି ଆଦୌ କିଛି ଆସିନାହିଁ । ଅବଶ୍ୟ,ମୋ’ର ଭୟ ହେଉଛି ଯେ, ଏହି ବିଷୟ ଏକ ଭ୍ରାନ୍ତିଶୂନ୍ୟ ନିଷ୍ପତ୍ତି ଗ୍ରହଣ କରିବାଲାଗି ଆମେ ଏବେ ମଧ ସମର୍ଥ ହୋଇପାରି ନାହୁଁ । ରାଜନୀତିକ କ୍ଷେତ୍ରରେ ଆମେ ବିଦେଶୀ କର୍ତ୍ତୃତ୍ୱରୁ ହୁଏତ ମୁକ୍ତ ହୋଇଥିଲେ ମଧ ସେହି ଘଟଣାଟି ଦ୍ୱାରା ଆମକୁ ଯେ ବିଦେଶୀ ଭାଷା ଓ ବିଦେଶୀ ଭାବନାର ସୂକ୍ଷ୍ମ ପ୍ରଭାବଟି ମଧରୁ ମୁକ୍ତି ମିଳିଗଲା, ଏହି କଥାଟିକୁ କେହି ଖଣ୍ଡନ କରିବେ ନାହିଁ ବୋଲି ଆଶାକରା ଯାଉଛି ।

# କ୍ୟାନସର ଦୂର କରିବ ସୋରିଷ ଶାଗ

**ପ**ଞ୍ଜାବରେ ସବୁଠାରୁ ଟେଷ୍ଟି ଡିସ୍ ହେଉଛି ସୋରିଷ ଶାଗ । କେବଳ ପଞ୍ଜାବ ନୁହେଁ ଅନ୍ୟ ରାଜ୍ୟମାନଙ୍କରେ ମଧ ସୋରିଷ ଶାଗ ଡିସ୍ ବେଶ୍ ପସନ୍ଦ କରିଥାନ୍ତି । ତେବେ ଏହା ଯେତିକି ପାଟି ସୁଆଦିଆ ସ୍ୱାସ୍ଥ୍ୟ ପାଇଁ ମଧ ସେତିକି ଭଲ । ଏଥିରେ ପ୍ରଚୁର ପରିମାଣରେ ଫାଇବର ରହିଥିବା ବେଳେ ଫ୍ୟାଟ କାର୍ବୋହାଇଡ୍ରେଟ୍ ସୁଗାର ପୋଟାସିୟମ ଭିଟାମିନ୍ ଏ, ସି, ଡି, ବି-୧୨ ମ୍ୟାଗ୍ନେସିୟମ ଆଇରନ ଓ କ୍ୟାଲସିୟମ ଭଳି ବହୁ ନ୍ୟୁଟ୍ରିସନ ରହିଛି । ଏମିତିକି ସୋରିଷ ଶାଗରେ ପ୍ରାୟ ୬ ପ୍ରକାର କ୍ୟାନସରକୁ ରୋକିବାର ଗୁଣ ରହିଛି ।



ଦୃଷ୍ଟିଶକ୍ତି ବୃଦ୍ଧି: ସୋରିଷ ଶାଗକୁ ଭିଟାମିନ୍ ଏ'ର ପାୱାର ହାଉସ କୁହାଯାଏ । ତେଣୁ ଏହା ଆଖିର ମାଂସପେଶୀକୁ କୌଣସି କ୍ଷତି ପହଞ୍ଚାଇବାକୁ ଦିଏ ନାହିଁ । ଏଥି ସହିତ ଆଖିର ଜ୍ୟୋତିକୁ ତେଜ କରିଥାଏ ।

କ୍ୟାନସରରୁ ରକ୍ଷା କରେ: ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ରହିଛି ଏହା ଶରୀରକୁ ଡିଟକ୍ସିଫାଏ କରି ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହାକୁ ଖାଇଲେ ୭ ପ୍ରକାର କ୍ୟାନସରରୁ ରକ୍ଷା ମିଳିଥାଏ । ଯଥା - ବ୍ଲାଡର, ପେଟ, ବ୍ରେଷ୍ଟ, ଫୁସଫୁସ୍, ପ୍ରୋଷ୍ଟେଟ ଓ ଓଭାରୀ କ୍ୟାନସର ଆଦିର ରକ୍ଷା କରିଥାଏ । ସୋରିଷ ଶାଗରେ ରହିଥିବା ପୋଷକ ତତ୍ତ୍ୱ ଗୁଡିକ କ୍ୟାନସର କୋଷିକାକୁ ରୋକିବା ସହିତ ଏହା ରୋଗକୁ ବଢ଼ିବାକୁ ଦିଏ ନାହିଁ ।

ହୃଦୟ ପାଇଁ ଲାଭ: ଶାଗ ଖାଇବାରେ ଶରୀରର କୋଲେଷ୍ଟ୍ରଲ ସ୍ତର କମ୍ ଓ ଫୋଲେଟ ନିର୍ମାଣ ଅଧିକ ହୋଇଥାଏ । ଏଥିରେ ହାର୍ଟ ଆଟାକ ହେବାର ଭୟ ଦୂର ହୋଇଥାଏ । କାହିଁକି ନା ଏହି ରୋଗ ହାଇପରଟେନଶନ ଓ ହୃଦୟ ସମ୍ବନ୍ଧରୁ ହୋଇଥାଏ । କିନ୍ତୁ ସୋରିଷ ଶାଗ ଖାଇବା ଫଳରେ ଏହି ରୋଗ ଦୂର ହୋଇଥାଏ ।

# ବଳକା ତେଲର ବ୍ୟବହାର ବିପଜ୍ଜନକ

**ଭା**ରତୀୟ ଖାଦ୍ୟରେ ତେଲର ଭୂମିକା ଯଥେଷ୍ଟ ଅଧିକ । ପକୁଡି ତିଆରିଠୁ ନେଇ ଛୁଆ ଲଗାଇବା ପର୍ଯ୍ୟନ୍ତ ସବୁଥିରେ ତେଲର ବ୍ୟବହାର ହୁଏ । ଏହା ଖାଦ୍ୟର ସ୍ୱାଦ ଏବଂ ବାସ୍ନା ବଢ଼ାଇଥାଏ । ଅନେକଙ୍କ ଘରେ ଥରେ ବ୍ୟବହୃତ ତେଲ ବଳିଗଲେ ତାକୁ ବାରମ୍ବାର ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରିଥାନ୍ତି । କିନ୍ତୁ ଜାଣନ୍ତି, ବଳକା ତେଲର ପୁନଃଉପଯୋଗ ସ୍ୱାସ୍ଥ୍ୟ ପାଇଁ କେତେ ବିପଜ୍ଜନକ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଯଦି ତେଲରେ ଥରେ କୌଣସି ଜିନିଷ ଫ୍ରାଏ କରିଦିଆଯାଏ, ତେବେ ତାକୁ ଅନ୍ୟ ବ୍ୟଞ୍ଜନରେ ବ୍ୟବହାର ଦ୍ୱାରା ଫ୍ରି ରାଡିକାଲ୍ସ ଜନ୍ମ ନେଇଥାଏ । ଏହାଦ୍ୱାରା ଶରୀରରେ ଜ୍ୱଳନ, ଗ୍ୟାଷ୍ଟ୍ରିକ ସାଙ୍ଗକୁ ଆହୁରି ଅନେକ ରୋଗ ଉତ୍ପନ୍ନ ହୁଏ । ଏହି ଫ୍ରି ରାଡିକାଲ୍ସ ଶରୀରର ସୁସ୍ଥ କୋଷିକା ସହ ନିଜକୁ ଯୋଡିଦିଏ । ଏଥିରୁ ଅନେକ ସମୟରେ କ୍ୟାନସର ଉତ୍ପନ୍ନ ହୋଇଥାଏ । ଏହାଛଡ଼ା ଶରୀରରେ ଖରାପ କୋଲେଷ୍ଟୋରଲ ଜନ୍ମ ନେଇଥାଏ, ଯଦ୍ୱାରା ଧମନୀରେ ରକ୍ତ ଜମାଟ ବାନ୍ଧିଯାଏ । ଯଦି ବଳକା ତେଲର ଉପଯୋଗ କରିବାକୁ ଚାହୁଁଛନ୍ତି, ତେବେ ଏହାକୁ ଥଣ୍ଡା ହେବା ପରେ ଏୟାରଟାଇଟ୍ ଡବାରେ ବନ୍ଦ କରି କିଛି ସମୟ ରଖି ଦିଅନ୍ତୁ । ଏହାଦ୍ୱାରା ତେଲରେ ଥିବା ଫୁଡ୍ ପାର୍ଟିକିଲ୍ସ ବାହାରିଯାଏ ।



# ସୁସ୍ଥ ଶରୀର ପାଇଁ ମହୁ

**ବ**ହୁ ଲାଭଦାୟକ ଅଟେ ମହୁ । ମହୁରେ ବିଭିନ୍ନ ଗୁଣ ଭରପୁର ହୋଇ ରହିଥାଏ । ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମହୁକୁ ବ୍ୟବହାର କରି ପାରିବେ । ମହୁରେ କାର୍ବୋହାଇଡ୍ରେଡ୍ ପ୍ରୋଟିନ୍, ଭିଟାମିନ୍-ବି, ସି, ଲୌହ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସ୍‌ଫରସ୍, ପୋଟାସିୟମ୍, ସୋଡିୟମ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ପ୍ରଚୁର ପରିମାଣରେ ରହିଅଛି ।



ମହୁରେ ଭିଟାମିନ୍, ଆମିନୋ ଏସିଡ୍, ପ୍ରୋଟିନ୍ ଏବଂ ଖଣିଜ ପଦାର୍ଥ ବିପୁଳ ପରିମାଣରେ ରହିଅଛି । ଯାହା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ ।

ମହୁରେ ଔଷଧୀୟ ଗୁଣ ରହିବା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ଏହାକୁ ବ୍ୟବହାର କରାଯାଇଥାଏ ।

ଛୋଟ ପିଲାଙ୍କ କାଶକୁ ଦୂର କରିବାକୁ ହେଲେ ଅଦାରସ ଏବଂ ଅଳ୍ପ ମହୁକୁ ଭଲ ଭାବରେ ମିଶାଇ ସେବନ କରିବାକୁ ଦିଅନ୍ତୁ । ଏହା ଦ୍ୱାରା ଆରାମ ମିଳିଥାଏ ।

ଯଦି ଶୁଖିଲା କାଶ ହେଉଛି ତେବେ ମହୁ ଏବଂ ଲେମ୍ବୁର ରସ ବ୍ୟବହାର କରନ୍ତୁ ଉପକାର ମିଳିବ ।

ଯଦି ଆପଣଙ୍କୁ ଅରୁଚି ଲାଗୁଥାଏ କିମ୍ବା ବାନ୍ତି ହେଉଥାଏ, ତେବେ ମହୁ ବ୍ୟବହାର କରନ୍ତୁ ।

ଆପଣ ଯଦି ନିଜର ଓଜନକୁ ବଢ଼ାଇବାକୁ ଚାହାନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ କ୍ଷୀରରେ ଅଳ୍ପ ମହୁକୁ ମିଶାଇ ପିଅନ୍ତୁ ।

# କର୍କଟ ଦୂରକରେ କଦଳୀ ଚୋପା

**ଆ**ଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଫଳ ଓ ଜୁସ୍ ଖାଇବାକୁ ବହୁତ ପସନ୍ଦ କରନ୍ତି । କେବଳ ଫଳ ନୁହେଁ ବରଂ ଫଳ ଚୋପାରେ ମଧ ରୋଗ ଦୂରକାରୀ ଶକ୍ତି ରହିଥାଏ । ସେହିଭଳି କଦଳୀ ଚୋପାରେ ମଧ ରହିଥାଏ ରୋଗ ପ୍ରତିରୋଧକାରୀ ଶକ୍ତି । ତେବେ ଜାଣନ୍ତୁ ଚୋପା ଦେଇପାରେ କର୍କଟ ଭଳି ଦୁଃସାଧ ରୋଗରୁ ସୁରକ୍ଷା ।



କଦଳୀ ଚୋପାର ଅଂଶ: ପାଚିଲା କଦଳୀ ଚୋପାରେ ଲୁଟେନିନ୍ ରହିଛି, ଯାହା ଏକ ଆଣ୍ଟିଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଏହା ସହ ଏଥିରେ ବହୁଳ ମାତ୍ରାରେ ମ୍ୟାଗ୍ନେସିୟମ୍, ପୋଟାସିୟମ ଓ ଫାଇବର ରହିଛି । କଦଳୀ ଚୋପାରେ ବହୁଳ ମାତ୍ରାର ଭିଟାମିନ୍ ବି-୬, ବି-୧୨ ମଧ ରହିଥାଏ ।

ରୋଗ ପ୍ରତିରୋଧକାରୀ ଚୋପା: ପାଚିଲା କଦଳୀ ଚୋପାରୁ ପ୍ରସ୍ତୁତ ଚା' ପିଇବା ଦେହ ପାଇଁ ହିତକର ହୋଇଥାଏ । ଏହା ଏକ ଆୟୁର୍ବେଦ ଔଷଧ ରୂପେ କାର୍ଯ୍ୟ କରିଥାଏ । ଏହି ଚା' ଦୈନନ୍ଦିନ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ହୋଇ ନ ଥାଏ । ଏଥିରେ ଥିବା ପୋଟାସିୟମ ଓ ମ୍ୟାଗ୍ନେସିୟମ ଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦଘାତକୁ ନିୟନ୍ତ୍ରଣ କରାଯାଇ ପାରିବ । ଏଥିରେ କିଛି ଫଟୋ କେମିକାଲ ରହିଥାଏ ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାର୍ଯ୍ୟ କରିଥାଏ । ଏହି ଆଣ୍ଟିଅକ୍ସିଡାଣ୍ଟ ମାତ୍ରା ହେତୁ କର୍କଟ ଭଳି ଦୁସାଧ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ତେଣୁ କଦଳୀ ଚୋପାରୁ ପ୍ରସ୍ତୁତ ଚା' ଏକ ମହୌଷଧି ରୂପେ କାର୍ଯ୍ୟକରିଥାଏ ।

ପ୍ରସ୍ତୁତି: ପ୍ରଥମେ ଏକ ପାତ୍ରରେ ପାଣି ଗରମ କରନ୍ତୁ । ଗରମ ପାଣିରେ କଦଳୀ ଚୋପା ପକାଇ ୧୦ ମିନିଟ୍ ଏହାକୁ ପାଣିରେ ଫୁଟାନ୍ତୁ । ଚୋପାଟି ଭଲ ଭାବରେ ଫୁଟିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ ପକାଇ ୨-୩ ମିନିଟ୍ ଘୋଡ଼ାଇ ଏହାକୁ ଏକ କପରେ ଛାଣି ସେଥିରେ ମହୁ ପକାଇ ପିଅନ୍ତୁ ।

# ଆଜ୍‌ମା ରୋଗୀଙ୍କ ପାଇଁ ଭିଟାମିନ୍ -ସି

**ସା**ଧାରଣତଃ ଅଜ୍‌ମା ରୋଗୀ ଖାଦ୍ୟପେୟ ପ୍ରତି ଅଧିକ ସତର୍କ ରୁହନ୍ତି । ଯଦି ଏହି ରୋଗୀ ନିୟମିତ ବ୍ୟାୟାମ କରୁଥାଆନ୍ତି, ତେବେ ସେମାନେ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଇଲେ ତାହା ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ଏକଥା ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ୧୨୦୦ ଆଜ୍‌ମା ରୋଗୀରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନେ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅପରପକ୍ଷରେ ଯେଉଁମାନେ ନିୟମିତ ବ୍ୟାୟାମ କରୁଛନ୍ତି ସେମାନେ କି କି ଖାଦ୍ୟ ଖାଉଛନ୍ତି ତାହାକୁ ମଧ ଗବେଷଣା ପରିସରଭୁକ୍ତ କରାଯାଇଥିଲା । ଏହି ସମୟରେ ସେମାନଙ୍କୁ ଭିଟାମିନ୍ -ସି' ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ଖାଦ୍ୟ ଖାଇବା ଦ୍ୱାରା ପ୍ରଦୂଷିତ ବାୟୁମଣ୍ଡଳର ଖରାପ ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡି ନ ଥାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



# ମସଲସ ସୁଦୃଢ଼ କରେ ଚିନାବାଦାମ

**କେ**ବଳ ପାଟିକୁ ସୁଆଦ ପାଇଁ ବାଦାମ ଖିଆଯାଇଥାଏ ତାହା ନୁହେଁ, ଏହି ବାଦାମ ଛୋଟ ଛୋଟ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏହାର ତେଲରେ ଆମେ ଖାଦ୍ୟ ପ୍ରସ୍ତୁତ କରିଥାଉ । ଏଥି ସହିତ ବାଦାମରେ ରହିଛି ପ୍ରଚୁର ପରିମାଣର ଭିଟାମିନ୍ ମିନେରାଲ୍ସ, ନ୍ୟୁଟ୍ରିଏଣ୍ଟ ଓ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ବି କମ୍ପ୍ଲେକ୍ସ ରିବୋଫ୍ଲେବିନ୍, ଥିୟାମିନ୍, ଭିଟାମିନ୍ ବି-୬ ଓ ଭିଟାମିନ୍ ବି-୯ ଯାହା ବହୁ ରୋଗ ପାଇଁ ବଡ଼ ଉପକାରୀ ।

ଡାଇବେଟିସକୁ କଣ୍ଟ୍ରୋଲ କରିଥାଏ: ଖାଇବା ଫଳରେ ଡାଇବେଟିସ ହେବାର ସମ୍ଭାବନା ୨୧% କମ୍ ରହିଥାଏ । ବାଦାମରୁ ମିଳୁଥିବା ମାଙ୍ଗାନିଜ୍ ନାମକ ତତ୍ତ୍ୱ ବ୍ଲଡ଼ ସୁଗାରକୁ ନିୟନ୍ତ୍ରଣ କରିଥାଏ । ଶରୀରରେ କ୍ୟାଲସିୟମର ଅବଶୋଷଣରେ ସହାୟତା କରିଥାଏ ମେଟାବଲିଜମ୍ ବଢ଼ାଇଥାଏ ।

ମସଲସ୍: ଯଦି ଆପଣ ଦୁର୍ବଳ ଅଛନ୍ତି ଆପଣ ମଧ ମସଲସ ବାହାର କରିବାକୁ ଚାହୁଁଛନ୍ତି ତେବେ ଚିନ୍ତା କରନ୍ତୁ ନାହିଁ । ପ୍ରତିଦିନ କିଛି ଭିଜା ବାଦାମ କ୍ଷୀର ସହିତ ଖାଆନ୍ତୁ । ଧୀରେ ଧୀରେ ଆପଣଙ୍କ ମସଲସ ବାହାରି ପଡ଼ିବ ।



କ୍ୟାନସରରୁ ରକ୍ଷା: ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆଇରନ, ଫଲେଟ୍, କ୍ୟାଲସିୟମ୍ ଓ ଜିଙ୍କ୍ ଶରୀର କ୍ୟାନସର ସେଲ୍ସ ସହିତ ଲଢ଼େଇ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ବାଦାମ ଖାଇବା ଉଚିତ୍ ।

ବ୍ଲଡ ସର୍କୁଲେସନ ଠିକ୍ ଭାବରେ କରେ: ଏହା ଶରୀରରେ ଉଷ୍ଣତା ଆଣିଥାଏ, ଯେଉଁ କାରଣରୁ ବ୍ଲଡ ସର୍କୁଲେଶନ ଉତ୍ତମ ହୋଇଥାଏ ଓ ଏଥିରେ ହୃଦୟ ସୁସ୍ଥ ରହିଥାଏ । ହାର୍ଟ ଆଟାକର ଭୟ କମ୍ କରିଥାଏ ।

ଗର୍ଭବତୀଙ୍କ ପାଇଁ ଫଳପ୍ରଦ: ଗର୍ଭବତୀ ମହିଳାଙ୍କ ପାଇଁ ବାଦାମ ଖାଇବା ଖୁବ୍ ଉତ୍ତମ । ଏହା ଗର୍ଭରେ ବଢୁଥିବା ପିଲାର ବିକାଶ ପାଇଁ ଖୁବ୍ ଉତ୍ତମ ପ୍ରଭାବ ପକାଇଥାଏ ।

ଓଜନ କମ୍: ଏଥିରେ ଫାଇବର ମାତ୍ରା ଭରପୁର ରହିଛି । ଏହା ଏନର୍ଜୀର ସ୍ରୋତକୁ ବଢ଼ାଇ ଦେଇଥାଏ । ଏହାକୁ ଖାଇବା ଫଳରେ ଭୋକ ହୋଇ ନ ଥାଏ, ୱେଟ ମ୍ୟାନେଜମେଣ୍ଟ ପାଇଁ ବାଦାମ ନିୟମିତ ଖାଇବା ଉଚିତ ।

**ହାନି ଲାଭ ସୁଖ ଦୁଖନ ମେଁ, ହର୍ଷ ଶୋକ ନହିଁ ସନ୍ତ ।**
**ଚିନ୍ତା ଚାହ ନ ମନ କରେଁ, ଅଭୟ ଅଶଂକ ଅନନ୍ତ ॥୪୧॥**

ଭାଷ୍ୟ - ସନ୍ଥଜନଙ୍କୁ କୌଣସି ବସ୍ତୁର ଲାଭ ଅଥବା କ୍ଷତିରେ ସୁଖ କିମ୍ବା ଦୁଃଖ, ହର୍ଷ ଅବା ବିଷାଦ ହୋଇ ନ ଥାଏ । ସନ୍ଥଜନ କୌଣସି ବସ୍ତୁର ଆଦୌ ଇଚ୍ଛା ରଖନ୍ତି ନାହିଁ କିମ୍ବା ସେମାନେ ଏ ବିଷୟରେ ଚିନ୍ତା ମଧ୍ୟ କରି ନ ଥାନ୍ତି । ସେମାନେ ନିର୍ଭୟ ଆଉ ନିଃସଙ୍କୋଚ ହୋଇ ଅନନ୍ତ ମହାପ୍ରଭୁଙ୍କର ଭକ୍ତିରେ ନିଶିଦିନ ନିମଗ୍ନ ରହିଥାନ୍ତି ।

**ନହିଁ କାଂକ୍ଷା ନହିଁ ଦ୍ୱେଷ ହୈ, ସମ୍ପତି ଆୱେ ଜାୟ ।**
**ଆପ ନିରନ୍ତର ମଗନ ହୈଁ, ଅନୁଭୱ ସୁଖ ଉର ପାୟ ॥୪୨॥**

ଭାଷ୍ୟ - ଅନୁଭବୀ ସନ୍ଥ କୌଣସି ବସ୍ତୁ ପ୍ରତି ଇଚ୍ଛା ରଖନ୍ତି ନାହିଁ କିମ୍ବା କୌଣସି ପଦାର୍ଥ ପ୍ରତି ଶତ୍ରୁତା ମଧ୍ୟ କରନ୍ତି ନାହିଁ । ଯେଉଁ ପଦାର୍ଥମାନଙ୍କ ନିମନ୍ତେ ତାଙ୍କୁ ପୂର୍ବରୁ ଦୁଃଖ ମିଳିଥିଲା, ସେ ସବୁ ଦୁଃଖଦାୟୀ ପଦାର୍ଥମାନଙ୍କୁ ଦେଖିଲେ ଅଥବା ସ୍ମରଣ କଲେ ମନରେ ଯେଉଁ କ୍ରୋଧଭାବ ଜାତ ହୁଏ ତାହାକୁ ଦ୍ୱେଷ କହନ୍ତି । ସମ୍ପତ୍ତିର ଆଗମନ ଏବଂ ପ୍ରସ୍ଥାନରେ ସନ୍ଥ ମନରେ ରାଗ କିମ୍ବା ଦ୍ୱେଷ ହୁଏ ନାହିଁ । ସେ ନିଜ ପ୍ରାପ୍ତ ଅନୁଭବ ସୁଖରେ ସର୍ବଦୈବ ନିମଗ୍ନ ରହିଥାନ୍ତି ।

**ଗଙ୍ଗାତଟ ଝୁସୀ ଗୁହା, ସଦ୍‌ଗୁରୁ କା ଉପଦେଶ ।**
**ବାସ ସରେହ ଏକାନ୍ତ ମେଁ, ପାୟା ସାଧୂ ଭେଶ ॥୪୩॥**

ଭାଷ୍ୟ - ପ୍ରୟାଗରାଜ ଝୁସୀର ନିର୍ଜନ ଏକାନ୍ତ ଗୁମ୍ଫାରେ ରହଣୀ ସମୟରେ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଆସକ୍ତିରହିତ ସନ୍ଥ ବେଶର ଦର୍ଶନ ଲାଭକରି ବିହଙ୍ଗମ ମାର୍ଗର ଭେଦିକ ଉପଦେଶ ପ୍ରାପ୍ତ କରିଥିଲେ । ଅର୍ଥାତ୍ ଗ୍ରନ୍ଥକାରଙ୍କୁ ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ସନ୍ଥ ବେଶରେ ଦର୍ଶନ ଆଉ ତାଙ୍କ ଦ୍ୱାରା ବ୍ରହ୍ମବିଦ୍ୟାର ବିଶେଷ ଭୂମିର ଉପଦେଶ ପ୍ରାପ୍ତ ହୋଇଥିଲା । ଏହି ଦର୍ଶନର ଚର୍ଚ୍ଚା ଗ୍ରନ୍ଥ ରଚୟିତା ସଦ୍‌ଗୁରୁ ଭଗବାନ ନିଜ ଜୀବନ କାଳରେ କରୁଥିଲେ ।

**ମାର ପଲହଥୀ ବୈଠକର, ମନ ୱ ପୱନ କୋ ବାଁଧ ।**
**ତବ ଦର୍ଶନ ମିଲ ବ୍ରହ୍ମ କା, ଗୋପ୍ୟ ୟୁକ୍ତି ୟହ ସାଧ ॥୪୪॥**

ଭାଷ୍ୟ - ସଦ୍‌ଗୁରୁ ସୁକୃତଦେବ ଗ୍ରନ୍ଥକାର ଏବଂ ରଚୟିତା, ସଦ୍‌ଗୁରୁ ସଦାଫଳଦେବ ଜୀ ମହାରାଜଙ୍କୁ ନିଜ ସରଳ ସହଜ ଆସନରେ ବସି ମନ ଆଉ ପବନକୁ ଗୁରୁଗମ୍ୟ ଦ୍ୱାରା ତାଙ୍କର ମଣ୍ଡଳରେ ସ୍ଥିର କରି ଅନୁଭବ ରହସ୍ୟପୂର୍ଣ୍ଣ ସହଜ ଯୁକ୍ତିରେ ସାଧନ କରିବା ପରେ ପରଂବ୍ରହ୍ମଙ୍କର ଦର୍ଶନ ପ୍ରାପ୍ତ ହୋଇଥାଏ, ଏହି ଉପଦେଶ ପ୍ରଦାନ କରିଥିଲେ । ଏହି ଦୋହାରେ ସଦ୍‌ଗୁରୁଙ୍କର ବିହଙ୍ଗମ ଯୋଗର ଉପଦେଶ ସମ୍ପର୍କରେ ଗ୍ରନ୍ଥକାର ଚର୍ଚ୍ଚା କରିଛନ୍ତି, ଯାହା ତାଙ୍କୁ ନିତ୍ୟ ଅନାଦି ସଦ୍‌ଗୁରୁ ସୁକୃତଦେବଙ୍କ କୃପାରୁ ପ୍ରାପ୍ତ ହୋଇଥିଲା ।

**ସୁରତି ନିରତି ମନ ପୱନ କୋ, ଏକ ୟୁକ୍ତି କର ରାଖ ।**
**ରମିତା ଧ୍ୱନି ସ୍ୱର ତାନ କୋ, ଅନୁଭୱ ଗତି ଗମ ରାଖ ॥୪୫॥**

ଭାଷ୍ୟ - ସଦ୍‌ଗୁରୁଙ୍କର ଯୋଗଯୁକ୍ତି ଦ୍ୱାରା ମନ, ପବନ, ସୁରତି ଆଉ ନିରତିକୁ ଏକତ୍ର ସଂଯତ କରି ଏବଂ ଅକ୍ଷର ଧ୍ୱନିର ରାଗକୁ ପ୍ରାପ୍ତ କରି ଚେତନ ଅନୁଭବ ଯୁକ୍ତିରେ ନଜ ଚେତନାକୁ ଶବ୍ଦ ମଣ୍ଡଳରେ ସ୍ଥିର କରନ୍ତୁ । ଅକ୍ଷର ପାର ନିଃଶବ୍ଦ, ସାରଶବ୍ଦଙ୍କର ମଣ୍ଡଳ ଅଛି ଯାହା ମନ, ପବନ ଆଉ ସୁରତି, ନିରତି ସ୍ଥିର ହେବା ପରେ ଅନୁଭବରେ ପ୍ରତ୍ୟକ୍ଷ ହୋଇଥାଏ । ଉକ୍ତ ପଦର ଭାବ ଏତାଦୃଶ ଅଟେ ।

**ୟୋଗୀ ନିଜ ସଂକଳ୍ପ ସେ, ହୃଦୟ ଅନ୍ୟ ପରକାଶ ।**
**ଦୃଶ୍ୟ ଅନେକୋଁ ଧାମ କୋ, ଅନୁଭୱ ଦର୍ଶ ୱିକାସ ॥୪୬॥**

ଭାଷ୍ୟ - ଯୋଗୀ ନିଜ ସଂକଳ୍ପରେ ଅନ୍ୟର ହୃଦୟରେ ନିଜ ଚେତନ ପ୍ରକାଶ ପ୍ରଦାନ କରେ ଆଉ ଯୋଗର ବିଭିନ୍ନ ସ୍ଥିତିମାନଙ୍କର ଦର୍ଶନ କରାଇ ଅନୁଭବରେ ଚେତନ ବିକାଶକୁ ପ୍ରାପ୍ତ କରେ । ବ୍ରହ୍ମନିଷ୍ଠ ସଦ୍‌ଗୁରୁ ଅଧିକାରୀ ଆତ୍ମାରେ ନିଜ ଶକ୍ତିର ପ୍ରଭାବରୁ ତା'ର ଅଜ୍ଞାନ ଗ୍ରନ୍ଥିକୁ ଖୋଲି ଦେଇ ଆତ୍ମା, ଅକ୍ଷର ଆଉ ପରଂବ୍ରହ୍ମଙ୍କ ଦିବ୍ୟ ଦର୍ଶନ କରାଇଥାଏ । ଏହା ପ୍ରତ୍ୟକ୍ଷ ଅନୁଭୂତିପୂର୍ଣ୍ଣ ବିଜ୍ଞାନ ଅଟେ ଯାହାକୁ ସଦ୍‌ଗୁରୁଜନ ନିଜ ଅଧିକାରୀ ଅନନ୍ୟ ଶରଣ ଭକ୍ତ ନିମନ୍ତେ ଏହାର ପ୍ରୟୋଗ କରିଥାନ୍ତି । ଏହା ଦିବ୍ୟଦୃଷ୍ଟିର ପ୍ରକାଶ ଅଟେ, ଯାହାକୁ ଯୋଗୀଜନ କରିଥାନ୍ତି । ଉକ୍ତ ପଦରେ ଏ ସମ୍ପର୍କରେ ଆଲୋଚନା କରାଯାଇଛି ।

**ତତ୍ତ୍ୱଜ୍ଞାନ ସାବୁନ ବନେ, ପାନୀ ସୁମିରନ ୟୁକ୍ତି ।**
**ଶୁଦ୍ଧ ହୋତ ହୈ ଆତମା, ଶବ୍ଦ ମିଲନ ମେଁ ମୁକ୍ତି ॥୪୭॥**

ଭାଷ୍ୟ - ଆତ୍ମାର ଚେତନ ଶୁଦ୍ଧ ବିକାଶ ନିମନ୍ତେ ତତ୍ତ୍ୱଜ୍ଞାନ ସାବୁନ ଏବଂ ସୁମିରନ ଯୁକ୍ତିର ବିଶୁଦ୍ଧ ନିର୍ମଳ ଜଳ ଅଟେ, ଯାହାର ଜଳ ପ୍ରପାତରୁ ଆତ୍ମାର କଳୁଷ ଏବଂ ମୋହ ନଷ୍ଟ ହୋଇଯାଏ । ଆତ୍ମା ସେହି ବ୍ରହ୍ମାମୃତ ପ୍ରବାହରେ ସ୍ନାନ କରି ପବିତ୍ର ହୋଇ ଶବ୍ଦରେ ମିଳେଇ ଯାଏ ଯେଉଁଠାରୁ ଜରା ମରଣର ଭବଚକ୍ରରୁ ଜୀବ ମୁକ୍ତ ହୋଇ ପରମାନନ୍ଦ ଉପଭୋଗ କରିଥାଏ । ବିହଙ୍ଗମର ସ୍ମରଣ ଦ୍ୱାରା ହିଁ ଆତ୍ମାର କଳୁଷ ଏବଂ ମୋହ ଆଭରଣ କ୍ଷୟ ହୋଇଥାଏ ଆଉ

## ସ୍ୱର୍ବେଦ




ଯୋଗୀ ସେହି ଜ୍ଞାନଗଙ୍ଗାରେ ସ୍ନାନକରି ପରମ ପବିତ୍ର ହୋଇ ବଳଶାଳୀ ହୋଇଯାଆନ୍ତି ଏବଂ ନିଜ ଶୁଦ୍ଧ ପରାକ୍ରମରୁ ପରଂବ୍ରହ୍ମଙ୍କୁ ପ୍ରାପ୍ତ କରି କୃତକୃତ୍ୟ ହୋଇଥାନ୍ତି । ଏହା ବିହଙ୍ଗମ ଯୋଗର ସ୍ମରଣର ମହତ୍ତ୍ୱ ଅଟେ । ଏହାକୁ ଅନୁଭବୀ ଭେଦି ସନ୍ଥ ଜାଣିପାରିବେ ।

**ଶୁଦ୍ଧ ଜ୍ଞାନ ସେ ଆତମା, ପ୍ରେମ ଭକ୍ତି ବହ ଗଙ୍ଗ ।**
**ଦେୱ ସଦାଫଲ ଶବ୍ଦ କା, ନିରମଲ ଚଢ଼ତା ରଙ୍ଗ ॥୪୮॥**

ଭାଷ୍ୟ - ଯୋଗାଭ୍ୟାସ ଦ୍ୱାରା ଆତ୍ମାର ପ୍ରାକୃତିକ ମଳ ଦୂର ହୋଇଯାଏ । ଯେତେବେଳେ ଯୋଗ ବିଜ୍ଞାନର ସମସ୍ତ କର୍ମ କ୍ଷୟ ହୋଇଯାଆନ୍ତି, ସେତେବେଳେ ଆତ୍ମା ପବିତ୍ର ହୋଇଯାଏ । ସେହି କାଳରେ ଆତ୍ମା ପବିତ୍ର ହେବା ଫଳରେ ଶୁଦ୍ଧ ପ୍ରେମ ଆଉ ବିଶୁଦ୍ଧ ଭକ୍ତି ରୂପୀ ଚେତନ ଗଙ୍ଗା ଆତ୍ମାରେ ପ୍ରବାହିତ ହେବାରେ ଲାଗେ । ସେହି ଅବସ୍ଥାରେ ଶବ୍ଦ, ପରମ ପୁରୁଷଙ୍କର ପବିତ୍ର ଆନନ୍ଦ ଉପଲବ୍ଧ ହେବାରେ ଲାଗେ ଏବଂ ନିର୍ମଳ ବିଶୁଦ୍ଧ ରଙ୍ଗ ଚଢ଼ି ଆତ୍ମାକୁ ନିଜ ସ୍ୱରୂପ କରିନିଏ । ସେତେବେଳେ ଆତ୍ମା ମାୟିକ ମମତ୍ୱ ଏବଂ ମୋହ ବନ୍ଧନରୁ ମୁକ୍ତ ହୋଇ, ବାସ୍ତବିକ ସ୍ୱରୂପକୁ ପ୍ରାପ୍ତ କରି, ଚେତନ ଶବ୍ଦ ରସରେ ଲୀନ ହୋଇ ଜାବଜ୍ଜୀବନ ନିମଗ୍ନ ହୋଇଯାଏ । ଅବ୍ୟାହତ ଚେତନ ପରମାନନ୍ଦଙ୍କର ପ୍ରାପ୍ତିରୁ ସମସ୍ତ ଦୁଃଖର ନିବୃତ୍ତି ଆଉ ଚେତନ ଅବ୍ୟୟ ପଦର ପ୍ରାପ୍ତି ହୋଇଥାଏ । ଏହା ବିହଙ୍ଗମ ଯୋଗର ଚେତନ ଭକ୍ତିର ପବିତ୍ର ସ୍ୱରୂପ ଅଟେ । ଏହି ଅଷ୍ଟମ ଅଧ୍ୟାୟରେ ଅକ୍ଷର ବ୍ରହ୍ମ, ତାଙ୍କର ରଚନା ବିଧି, ଚେତନ ସୁରତି, ସୁମିରନ, ଏକାଦଶ ଦ୍ୱାର, ଅକ୍ଷର ପ୍ରକାଶ, ସଦ୍‌ଗୁରୁ ନିୟମ ପାଳନର ମର୍ଯ୍ୟାଦା ଆଉ ଶେଷରେ ଅବଧୂତ ବୃତ୍ତିର ବର୍ଣ୍ଣନା ଏବଂ ପବିତ୍ର ଆତ୍ମସ୍ୱରୂପର ମହିମା ଗାନ କରାଯାଇଛି ।

**॥ ଇତି ସ୍ୱର୍ବେଦ ପ୍ରଥମ ମଣ୍ଡଳ, ଅଷ୍ଟମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

### ନବମ ଅଧ୍ୟାୟ

**ଧ୍ୟେୟ ଅରାଧ୍ୟ ସ୍ୱରୂପ କା, ଜ୍ଞାନ ନିରନ୍ତର ରାଖ ।**
**ପ୍ରେମ ୱିରହ ନୂତନ ବଢ଼େ, ସାଧନ ଚଲନ ସୁପାଖ ॥୦୧॥**

ଭାଷ୍ୟ - ପରମ ଆରାଧ୍ୟ ମହାପ୍ରଭୁଙ୍କର ଜ୍ଞାନ ସର୍ବଦା ନିଜ ପାଖରେ ରଖିବା ଫଳରେ ପ୍ରେମ ଆଉ ବିରହର ନୂତନ ବିକାଶ ହୋଇଥାଏ ଆଉ ସାଧନା ସୁନ୍ଦର ରୀତିରେ ସଦ୍‌ଗୁରୁଙ୍କର ଆଧାରରେ ପ୍ରଗତିଶୀଳ ହୋଇଥାଏ । ଅତଏବ ସାଧକ ନିଜ ଧ୍ୟେୟର ନିରନ୍ତର ଜ୍ଞାନ ରଖିଥାଏ, ଯେଉଁଥିରୁ ତାହାର ଅନୁଭବର ଗତି ସର୍ବଦା ବିକଶିତ ହୋଇଥାଏ । ଧ୍ୟେୟର ଜ୍ଞାନ ବିନା ଧ୍ୟାତା ନିଜ ଲକ୍ଷ୍ୟକୁ ପ୍ରାପ୍ତ କରିପାରେ ନାହିଁ । ଅତଏବ ଧ୍ୟେୟର ସର୍ବଦା ସ୍ମରଣ ରହିବା ଉଚିତ ।

**ପ୍ରଥମ ନିଃଅକ୍ଷର ଜ୍ଞାନ ହୈ, ଅନୁଭୱ ପର ୱିଜ୍ଞାନ ।**
**ବିନା ଜ୍ଞାନ ନହିଁ ହୋତ ହୈ, ପୂରଣ ମୟ ୱିଜ୍ଞାନ ॥୦୨॥**

ଭାଷ୍ୟ - ପ୍ରଥମେ ନିଃଅକ୍ଷର ଜ୍ଞାନ ହୋଇଥାଏ, ଯାହାକୁ ପରୋକ୍ଷ ଜ୍ଞାନ କୁହାଯାଏ । ତଦ୍‌ପଶ୍ଚାତ ଯୋଗ ଅନୁଭବ ସମାଧିରେ ତାହାର ନିର୍ଭୂଲ ପ୍ରତ୍ୟକ୍ଷ ଜ୍ଞାନ ହେବା ପରେ ତାହା ବିଜ୍ଞାନ ହୋଇଯାଏ । ପ୍ରଥମେ ବିନା ଜ୍ଞାନରେ ନିର୍ଭ୍ରାନ୍ତ ପୂର୍ଣ୍ଣଜ୍ଞାନ ହୋଇ ନ ଥାଏ, ସେଥିପାଇଁ ସଦ୍‌ଗୁରୁ ଶରଣରେ ରହି ସେବା ସତ୍‌ସଙ୍ଗ ଦ୍ୱାରା ଆଧ୍ୟାତ୍ମର ସମସ୍ତ ତତ୍ତ୍ୱଗୁଡ଼ିକର ପରୋକ୍ଷ ଜ୍ଞାନ ପ୍ରାପ୍ତ କଲାପରେ ଅନୁଭବ ବିଜ୍ଞାନରେ ପ୍ରତ୍ୟକ୍ଷ ନିର୍ଭ୍ରାନ୍ତ ଜ୍ଞାନ ପ୍ରାପ୍ତ କରିବା ଉଚିତ । ବିନା ଅନୁଭବ ଯୋଗଜନ୍ୟ ସମାଧି ବିଜ୍ଞାନରେ ବ୍ରହ୍ମବିଦ୍ୟାର ଗୂଢ଼ ତତ୍ତ୍ୱଗୁଡ଼ିକର ବୋଧ କିମ୍ବା ଶାନ୍ତି ପ୍ରାପ୍ତି ହୋଇ ନ ଥାଏ । ଅତଏବ ବିବେକୀ ସାଧକ ଜ୍ଞାନ ବିଜ୍ଞାନରେ ପରିପୂର୍ଣ୍ଣ ହୋଇ ଅନୁଭବ ତତ୍ତ୍ୱଗୁଡ଼ିକର ବେତ୍ତା ହେବା ପରେ ସମାଧିସ୍ଥ ହୋଇଥାନ୍ତି ।

**ଚେତନ ଗୁଣ କେ ପ୍ରକଟ ତେ, ଜଡ଼ ଗୁଣ ହୋତ ଛିପାୱ ।**
**ତବ ଅଭ୍ୟାସୀ ଜାନତା, ସାଧନ କର ମେଁ ପାୱ ॥୦୩॥**

ଭାଷ୍ୟ - ଯୋଗ ସାଧନା ଦ୍ୱାରା ନିଜ ଭିତରେ ଚେତନ ଗୁଣମାନଙ୍କର ପ୍ରାଦୁର୍ଭାବ ତଥା ପ୍ରାକୃତିକ ତ୍ରିଗୁଣଗୁଡ଼ିକର ଭାବ ଯେତେବେଳେ ଲୁପ୍ତ ହେବାରେ ଲାଗେ, ସେତେବେଳେ ସାଧକ ଏହା ଜାଣିପାରେ ଯେ ଏବେ ମୁଁ ସାଧନାରେ ସଫଳତା ପାଇ ପାରୁଛି ଅଥବା ମୋର ସାଧନା ଉତ୍ତମ ଭାବରେ ଏବଂ ଜ୍ଞାନର ପ୍ରକାଶରେ ଚାଲୁଅଛି । ଯୋଗ ସାଧନା ଦ୍ୱାରା ହିଁ ଜଡ଼ ଚେତନର ଜ୍ଞାନ ଏବଂ ତ୍ରିଗୁଣର ଅଭାବ ଆଉ ଆତ୍ମାର ଚେତନ ବିକାଶ ହୋଇଥାଏ । ସାଧନାର ସଫଳତା ଜାଣିବାର ଏହା ରୀତି ହୋଇଥିବା ବେଳେ ସାଧକକୁ ସର୍ବଦା ନିଜ ଆତ୍ମ ପରୀକ୍ଷା କରିବା ଉଚିତ ଯେଉଁଥିରୁ ଭବିଷ୍ୟତ ସଦା ନିର୍ମଳ ଏବଂ ପବିତ୍ର ହୋଇ ପ୍ରଶସ୍ତ ହେବ ।

**ଶୂନ୍ୟ ଶିଖର ପର ୱାସକର, ସନ୍ତ ୱିୱେକୀ ହୋୟ ।**
**ତପନ ଯୋଗବଲ ଜ୍ଞାନବଲ, ସମ୍ପାଦନ କର ସୋୟ ॥୦୪॥**

ଭାଷ୍ୟ - ବିବେକୀ ସନ୍ଥ ହିମାଳୟ ସ୍ଥିତ ଶୂନ୍ୟ ଶିଖରରେ ନିବାସ କରି ଯୋଗାଭ୍ୟାସ ଦ୍ୱାରା ଘୋର ପରିଶ୍ରମ କରି ନିଜର ଆତ୍ମିକ ଯୋଗବଳ ଏବଂ ଜ୍ଞାନ ଶକ୍ତିର ସଂଚୟ କରିଥାନ୍ତି । ଯୋଗ ବିଜ୍ଞାନର ପ୍ରାପ୍ତି ନିମନ୍ତେ ଏବଂ ଅନୁଭବ ତତ୍ତ୍ୱମାନଙ୍କର ପ୍ରତ୍ୟକ୍ଷ ଜ୍ଞାନ ନିମନ୍ତେ ଏକାନ୍ତ ସ୍ଥାନ ସହିତ ଶୁଦ୍ଧ ଜଳବାୟୁ ଏବଂ ପରିବେଶର ଆବଶ୍ୟକତା ରହିଛି । ଏଥିପାଇଁ ଶୂନ୍ୟ ଶିଖର ଆଶ୍ରମ ଅନୁକୂଳ ଅଟେ । ସଦ୍‌ଗୁରୁ ଦେବଙ୍କର ବ୍ୟକ୍ତ କାଳରେ ସେହି ସ୍ଥାନର ଏମିତି ସ୍ଥିତି ଥିଲା, ଯାହାର ବର୍ଣ୍ଣନା ଆପଣ ଏହି ଦୋହାରେ କରିଛନ୍ତି ।

**ଶୂନ୍ୟ ଶିଖର କୀ କନ୍ଦରା, କୀଜୈ ଯୋଗାଭ୍ୟାସ ।**
**ଚେତନ ଗୁଣନ ୱିକାଶ ହୈ, ପ୍ରକୃତି ଗୁଣ କର ନାଶ ॥୦୫॥**

ଭାଷ୍ୟ - ଶୂନ୍ୟ ଶିଖର ସ୍ଥିତ ଗୁମ୍ଫାରେ ନିବାସ କରି ବିହଙ୍ଗମ ଯୋଗର ସାଧନା ଦ୍ୱାରା ଅଭ୍ୟାସ କରିବା ଯୋଗୁଁ ଆତ୍ମାର ଚେତନ ଗୁଣମାନଙ୍କର ବିକାଶ ଆଉ ପ୍ରକୃତି ସମ୍ବନ୍ଧୀୟ ଗୁଣଗୁଡ଼ିକର ବିନାଶ ହୋଇଥାଏ । ଶୂନ୍ୟ ଶିଖର ସେହି ଗୁମ୍ଫା ଅଟେ, ଯେଉଁଠି ଗ୍ରନ୍ଥକାର ଅବସ୍ଥାନ କରି ଏହି ସ୍ୱର୍ବେଦର ରଚନା ଦୋହା ଆକାରରେ କରିଥିଲେ । ଭଜନ-ତପସ୍ୟା ନିମନ୍ତେ ଯେଉଁଠି ସଂସାରୀଜନଙ୍କର ସମ୍ବନ୍ଧ ନ ଥାଏ, ହିମାଳୟର ଜଳବାୟୁ ଆଉ ଏକାନ୍ତ ସ୍ଥାନ ସର୍ବଦା ଅନୁକୂଳ ପ୍ରତୀତ ହୋଇଥାଏ ।

**ଶୂନ୍ୟ ଶିଖର କୀ କନ୍ଦରା, ୟୋଗିନ କର ୟହ ଧାମ ।**
**ସର୍ୱସ-ସିଦ୍ଧ ପ୍ରଦାୟିନୀ, ହୋୱେ ପୂରଣ କାମ ॥୦୬॥**

ଭାଷ୍ୟ - ଶୂନ୍ୟ ଶିଖରର କନ୍ଦରରେ ଯୋଗୀଜନ ବାସ କରନ୍ତି ଏବଂ ଏହା ସିଦ୍ଧ ଜୀବନ୍ମୁକ୍ତ ଯୋଗୀମାନଙ୍କର ଧାମ ଅଟେ ଯେଉଁଠି ପ୍ରାଚୀନ କାଳରେ ଜୀବନ୍ମୁକ୍ତ ଯୋଗୀ ଆସି ଦର୍ଶନ ଦେଇ ନିବାସ କରିଥାନ୍ତି । ଏହା ସର୍ବସିଦ୍ଧି ପ୍ରଦାୟିନୀ ଗୁମ୍ଫା ଅଟେ ଯେଉଁଠି ନିବାସ କରି ଭଜନ ଓ ତପସ୍ୟା କରିବା ଦ୍ୱାରା ସର୍ବଫଳ ମନୋରଥ ପୂର୍ଣ୍ଣ ହୋଇଥାନ୍ତି । ଯୋଗୀମାନଙ୍କର ଆଶ୍ରମରେ ଚିରକାଳର ତପସ୍ୱୀ ଅନୁଭବୀ ଯୋଗୀଗଣଙ୍କର ଦର୍ଶନ ହୋଇଥାଏ, ସେଥିପାଇଁ ଗ୍ରନ୍ଥାକାର ନିଜର ବ୍ୟକ୍ତ ଅନୁଭବ ଦ୍ୱାରା ସେହି ଗୁମ୍ଫାକୁ ଯୋଗୀମାନଙ୍କର ଧାମ ବୋଲି ଉକ୍ତ ଦୋହାରେ ଆଲୋଚନା କରିଛନ୍ତି ।

## ଗୋଲମରିଚର ଉପକାରିତା

ଗୋଲମରିଚକୁ କିଏ ଚା'ରେ ପକାଇ ପିଇବାକୁ ପସନ୍ଦ କରୁଥିବା ବେଳେ ଆଉ କେହି ସାଲାଡ଼ରେ ପକାଇ ଖାଇବାକୁ ପସନ୍ଦ କରନ୍ତି । ହେଲେ ଜାଣନ୍ତି କି ଏହାର ଚମତ୍କାରୀ ଗୁଣ ବିଷୟରେ । ଆୟୁର୍ବେଦ ଚିକିତ୍ସକଙ୍କ ଅନୁସାରେ ଗୋଲମରିଚକୁ ନିୟମିତ ପ୍ରୟୋଗ ଦ୍ୱାରା ବହୁ ଦୁରାରୋଗ୍ୟରୁ ମୁକ୍ତି ମିଳିଥାଏ । କୁହାଯାଏ ଅଧିକ ଗୋଲମରିଚ ଦେହପାଇଁ ଖରାପ । କିନ୍ତୁ ଏହା ଭୁଲ୍ । ଏଥିରେ ରୋଗର ଚିକିତ୍ସା ହୋଇପାରିବ ।

ଥଣ୍ଡାରୁ ମୁକ୍ତି: ବାତ୍ୟା ପରର ବର୍ଷା ଏବଂ ତା'ପରେ ଆସୁଛି ଥଣ୍ଡା ଦିନ । ଏଦିନେ ସାଧାରଣତଃ ଥଣ୍ଡା କାଶ ଲାଗି ରହିଥାଏ । କିନ୍ତୁ ଗୋଲମରିଚ, ଖାଆନ୍ତୁ ଏଥିରୁ ମୁକ୍ତି ମିଳିବ ଏବଂ ଯଦି ଆପଣଙ୍କ ଗଳା ଖରାପ ଅଛି ତ ସେ ସମସ୍ୟାରୁ ମଧ ଆପଣ ରକ୍ଷାପାଇବେ । ହଁ କିଛି ଲୋକଙ୍କର ତ ଏଥିଲାଗି କେଶ ଝଡିବା ଆରମ୍ଭ ହୋଇଯାଏ । ଏଥିରୁ ମଧ ମୁକ୍ତି ମିଳିବ ।

ସ୍କିନ୍ ଡିଜିଜ୍‌ରୁ ମୁକ୍ତି: ଯଦି ଆପଣଙ୍କର ଦେହରେ କୌଣସି ଠାରେ ସ୍କିନ୍ ଡିଜିଜ୍ ରହିଛି ତ ଏଥିରେ ଗୋଲ ମରିଚ ବାଟି ଲଗାଇ ପାରନ୍ତି । ତା' ଛଡ଼ା ମୁହଁରେ ଯଦି ବ୍ରଣ ହୋଇଛି ମରିଚ ପେଷ୍ଟ ଲଗାଇ ପାରନ୍ତି । ପ୍ରଥମେ



ଟିକେ କଷ୍ଟ ଲାଗିବ କିନ୍ତୁ ଶୀଘ୍ର ଆରାମ ମିଳିବ ।

ଟେନସନରୁ ମୁକ୍ତି: ଆଜିର ବ୍ୟସ୍ତବହୁଳ ଜୀବନରେ ସବୁଠୁ ବଡ଼ ସମସ୍ୟା ହେଲା ଚିନ୍ତା ଏବଂ ଏଥିରୁ ମୁକ୍ତି ଦେବ ଗୋଲ ମରିଚ । ଏଥିରେ ମହଜୁଦ ଅଛି ପିପରାଇନ ନାମକ ତତ୍ତ୍ୱ ତଥା ଏଥିରେ ମଧ ଆଣ୍ଟି ଡିପ୍ରେଜେଣ୍ଟ ଗୁଣ ଭରପୁର ରହିଛି । ତେଣୁ ଏହା ଚିନ୍ତା ଏବଂ ଡିପ୍ରେସନ ଦୂର କରିବାରେ ସହାୟକ ହେବ ।

ଗ୍ୟାସ୍ କିମ୍ବା ଏସିଡିଟିରୁ ମୁକ୍ତି ମିଳିବ: ଆଧୁନିକ ଜୀବନଶୈଳୀରେ ଏସିଡିଟି ଏବଂ ଗ୍ୟାସ ଏକ ସାଧାରଣ ସମସ୍ୟା କହିଲେ ଭୁଲ୍ ହେବନି । ଯଦି ଆପଣଙ୍କର ଏହିଭଳି ସମସ୍ୟା ରହିଛି ତ ଲେମ୍ବୁ ରସରେ କଳାଲୁଣ ଏବଂ ଗୋଲ ମରିଚ ମିଶାଇ ଖାଆନ୍ତୁ ନିଶ୍ଚିତ ଉପକାର ମିଳିବ । ଗ୍ୟାସ୍ ଯୋଗୁଁ ପେଟ କାଟିବା ଆଦି ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିବ ।

କ୍ୟାନ୍ସରରୁ ମୁକ୍ତି: ବିଶେଷକରି ମହିଳାମାନେ ଗୋଲମରିଚ ଅଧିକରୁ ଅଧିକ ଖାଇବା ଉଚିତ । ଗୋଲମରିଚରେ ଭିଟାମିନ୍ ସି, ଭିଟାମିନ୍ ଏ, ଫ୍ଲେବୋନଏଡକ୍ସ, କ୍ୟାରୋଟିନ୍ସ ଏବଂ ଅନ୍ୟ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ । ଗୋଲ ମରିଚ ଖାଇବା ଦ୍ୱାରା ମହିଳାଙ୍କ ବ୍ରେଷ୍ଟ କ୍ୟାନ୍ସର ହେବାର ଆଶଙ୍କା କମ୍ ହୋଇ ଯାଇଥାଏ । ଏଥିସହ ଶରୀରରେ ବଢୁଥିବା ଅତିରିକ୍ତ ମାଂସପେଶୀକୁ ଗୋଲମରିଚ ବଢ଼ିବାକୁ ଦିଏନାହିଁ ।

## ଆପଣ ଜାଣନ୍ତି କି ?

- ଟେଡି ବିଅର ପିଲାମାନଙ୍କର ଏକ ମନପସନ୍ଦର ଖେଳନା । ତେବେ ଜାଣନ୍ତି କି ଲଣ୍ଡନରେ ପ୍ରତି ବର୍ଷ ଏକ ଟେଡି ବିଅର ଉତ୍ସବ ପାଳିତ ହୋଇଥାଏ । ୧୯୮୯ ମସିହାରେ ପ୍ରଥମ ଥର ପାଇଁ ଏହି ଉତ୍ସବ ଆରମ୍ଭ ହୋଇଥିଲା ।
- ହାୱାଇ ହେଉଛି ଆମେରିକାର ଏକମାତ୍ର ରାଜ୍ୟ ଯେଉଁଠି କଫି ଉତ୍ପାଦନ ହୋଇଥାଏ । ଆମେରିକାର ଅନ୍ୟ କୌଣସି ରାଜ୍ୟରେ କଫି ଉତ୍ପାଦନ ହୋଇ ନ ଥାଏ ।



- ହଜମ ଶକ୍ତି ବୃଦ୍ଧି କରିବା ପାଇଁ ଅଜଗରର ଶରୀର ଅତି ଆଶ୍ଚର୍ଯ୍ୟଜନକ ଭାବେ ବୃଦ୍ଧି ପାଇଥାଏ । ଏହି ପ୍ରକ୍ରିୟା ଚଳାଇବା ପାଇଁ ହୃତପିଣ୍ଡ, ଯକୃତ ଏବଂ ଅନ୍ତ୍ରର ଆକାର ୧୫୦ ପ୍ରତିଶତ ବୃଦ୍ଧି ପାଇଥାଏ ।
- ପାଣି ଉପରେ ଚାଲି ପାରୁଥିବା ଝିଣ୍ଟିକାର ପ୍ଲାବନ ଶକ୍ତି ଏତେ ଅଧିକ ଯେ ଏହା ନିଜ ଓଜନର ୧୫ ଗୁଣ ଅଧିକ ଓଜନ ଉଠାଇବାରେ ସକ୍ଷମ ।
- କଦଳୀ ପ୍ରତି ଥିବା ଭୟକୁ କୁହାଯାଏ ବାନାନାଫୋବିୟା ।
- ଜାପାନରେ ତରଭୁଜ ଚାଷୀମାନେ ଏକ ବିଶେଷ କୌଶଳ ପ୍ରୟୋଗ କରି ଚାରିକୋଣିଆ ଆକୃତିର ତରଭୁଜ ଫଳାଇ ଥାଆନ୍ତି ଯାହାଦ୍ୱାରା ସେମାନଙ୍କୁ ଏକ ଗଚ୍ଛିତ କରି ରଖିବାରେ ସୁବିଧା ହୋଇଥାଏ ।
- ମଣିଷର ମସ୍ତିଷ୍କ ଜାଗ୍ରତ ଅବସ୍ଥା ଅପେକ୍ଷା ଶୋଇଥିବା ବେଳେ ଅଧିକ ସକ୍ରିୟ ଥାଏ ।
- ମଣିଷ ହେଉଛି ପୃଥିବୀର ଏକମାତ୍ର ପ୍ରାଣୀ ଯିଏ କି ଉପରକୁ ମୁହଁ କରି ଅର୍ଥାତ୍ ଚିତ୍ ହୋଇ ଶୋଇପାରେ ।

## ଉପକାରୀ ପୋଦିନା



ତାଜା ପୋଦିନା ପତ୍ରକୁ କାଟି ସାଲାଡ଼ରେ ପକାଇଲେ ଗ୍ୟାଷ୍ଟ୍ରିକ୍ ସମସ୍ୟା ଦୂର ହୋଇଥାଏ ।

ସରବତରେ କଟା ପୋଦିନା ପତ୍ର ପକାଇ ପିଅନ୍ତୁ । ଏହା ହଜମଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିବ ।

ପୋଦିନା ପତ୍ରକୁ ଶୁଖାଇ ଗୁଣ୍ଡ କରି ରଖନ୍ତୁ । ତରକାରୀ ରାନ୍ଧିବା ପରେ, ଏହି ଗୁଣ୍ଡ ପକାଇଲେ ଝୋଳ ସ୍ୱାଦିଷ୍ଟ ଲାଗିଥାଏ ।

ପୋଦିନା ଯୁକ୍ତ ପାନୀୟ ସ୍ୱାସ୍ଥ୍ୟ ପାଇଁ ଭଲ । ଚିନି ମିଶ୍ରିତ ଜଳରେ କିଛି ପୋଦିନା ପତ୍ର ପକାଇ ଫୁଟାଇ ଏବଂ ଥଣ୍ଡା ହେବା ପରେ ପିଅନ୍ତୁ ।

ଗୋଟିଏ ପାତ୍ରରେ ଦହି, ପୋଦିନା ପତ୍ର, କଟା ଅଦା ଓ ଲେମ୍ବୁରସ ଫେଣ୍ଟନ୍ତୁ । ସେଥିରେ ଲୁଣ, ଜିରା ଓ ଗୋଲମରିଚ ଗୁଣ୍ଡ ପକାଇ ପିଇବାକୁ ଦିଅନ୍ତୁ ।

## ଔଷଧୀୟ ବେଲ

ବେଲ ଏକ ପବିତ୍ର ବୃକ୍ଷ, ଏହାର ପତ୍ରଠାରୁ ଆରମ୍ଭ କରି ଫଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ବହୁ କାମରେ ଲାଗିଥାଏ ।



ବେଲ ପତ୍ର ଶିବଙ୍କର ପ୍ରିୟ, ଶିବଙ୍କ ଲିଙ୍ଗ ଉପରେ ୧୦୮ ବେଲ ପତ୍ର ଚଢ଼ାଇବା ଫଳରେ ଶିବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରନ୍ତି ।

ବେଲ ଗଛରେ ବ୍ରହ୍ମାବିଷ୍ଣୁ ମହେଶ୍ୱର ବାସ କରୁଥିବାରୁ ବେଲ ବୃକ୍ଷକୁ ପୂଜା କରାଯାଇଥାଏ ।

ବେଲ ପଣା ସଙ୍କଟମୋଚନ ହନୁମାନଙ୍କର ଅତି ପ୍ରିୟ । ତେଣୁ ଏହାର ପଣାକୁ ମହାବିଷୁବ ସଂକ୍ରାନ୍ତିରେ ଭୋଗ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ । ବେଲ ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । କଞ୍ଚା ବେଲକୁ ସିଝାଇ ଖାଇବା ଫଳରେ ପେଟ ରୋଗ ଦୂର ହୋଇଥାଏ ।

ବେଲ ପତ୍ରକୁ ସକାଳୁ ଖାଲି ପେଟରେ ଚୋବାଇ ଖାଇଲେ ବଦହଜମୀ ଓ ପେଟ ରୋଗ ଦୂର ହୋଇଥାଏ ।

ପାଚିଲା ବେଲ ଜୁସ୍ ପିଇବା ହୃଦରୋଗୀଙ୍କ ଷ୍ଟ୍ରୋକ୍ ଆଶଙ୍କା ଦୂର କରିଥାଏ । ଏଥି ସହିତ ପିଲାଙ୍କ କୃମି ରୋଗ ନାଶ ହୋଇଥାଏ ।

ବେଲ ପତ୍ରକୁ ନିୟମିତ ଚୋବାଇ ଖାଇବା ଦ୍ୱାରା ପାଇରିଆ ରୋଗ ଦୂର ହେବା ସହିତ ଦାନ୍ତ ମଜଭୁତ ହୋଇଥାଏ ।

ଶ୍ୱାସ ରୋଗୀଙ୍କ ଚିକିତ୍ସା ପାଇଁ ବେଲ ତେଲ ଖୁବ୍ ଉପକାରୀ ।

ଗର୍ଭବତୀଙ୍କ ବାନ୍ତିକୁ ବନ୍ଦ କରିବାକୁ ଚାହୁଁଥିଲେ ପ୍ରତିଦିନ ବେଲ ପତ୍ର ଖାଆନ୍ତୁ । ଗ୍ରୀଷ୍ମ ଦିନରେ ଲୁ' କବଳରୁ ରକ୍ଷା ପାଇବା ପାଇଁ ବେଲ ପଣା ଉପଯୋଗୀ । ମାସିକ ଋତୁ ଅନିୟମିତା ଲାଗି ନିୟମିତ ପାଇଁ ପାଚିଲା ବେଲ ଖାଇବା ଉଚିତ ।

## କହିପାରିବେ କି ?

(୧) ସୀତାରା ଦେବୀଙ୍କର କେଉଁ ନୃତ୍ୟ ସହ ସମ୍ପର୍କ ରହିଛି ?
(୨) ଓଡ଼ିଶାର ବାନ୍ଧଗୋଡ଼ା ଗ୍ରାମରେ କେବେ ଧ୍ୱଂସାତ୍ମକ ଘୂର୍ଣ୍ଣିଝଡ଼ ହୋଇଥିଲା ?
(୩) ଭାରତର କେଉଁ ରାଜ୍ୟରେ ସବୁଠୁ ଅଧିକ ଝୋଟ ଉତ୍ପାଦନ କରାଯାଏ ?
(୪) କେଉଁ ନଦୀ କୂଳରେ ଲକ୍ଷ୍ନୌ ସହର ଅବସ୍ଥିତ ?
(୫) ଜାମ୍ମୁ କାଶ୍ମୀରରେ ଧାରା ୩୭୦ କେବେ ଉଚ୍ଛେଦ କରାଯାଇଥିଲା ?
(୬) ସିଆରପିଏଫ୍ ଶୌର୍ଯ୍ୟ ଦିବସ କେବେ ପାଳନ କରାଯାଏ ?
(୭) ଥାଇଲାଣ୍ଡ ଓପନ୍ ବକ୍ସିଂ ଟୁର୍ଣ୍ଣାମେଣ୍ଟରେ ଭାରତ କେତୋଟି ମେଡାଲ ଜିତିଛି ?
(୮) ନିକଟରେ ଭାରତର କେଉଁ ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ପ୍ରଥମ ନ୍ୟାୟ ଘଡି ଲଗାଯାଇଛି ?
(୯) ନିକଟରେ ପ୍ରକାଶ ପାଇଥିବା ହେନ୍‌ଲେ ପାସ୍‌ପୋର୍ଟ ଇଣ୍ଡେକ୍ସରେ କେଉଁ ଦେଶ ଶୀର୍ଷରେ ରହିଛି ?
(୧୦) ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଇନ୍ଦ୍ରଙ୍କ ପତ୍ନୀଙ୍କ ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) PMEIL | = | 6) CREOTK | = |
| 2) GLHIFT | = | 7) ATEFSY | = |
| 3) CDTEEN | = | 8) LLYYS | = |
| 4) VTIDO | = | 9) WTENI | = |
| 5) SITOH | = | 10) MCSAUP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ବେଙ୍ଗାଲୁରୁ, ୨.ବିଲିୟାର୍ଡ୍ସ, ୩. ଏପ୍ରିଲ ୨୯, ୪.ଏଡିସ୍, ୫.ନର୍ମଦା, ୬. ଇଣ୍ଟର କନେକ୍ଟେଡ୍ ଷ୍ଟକ୍ ଏକ୍ସଚେଞ୍ଜ, ୭. ତ୍ରିକୂଟ, ୮. ରାଜେନ୍ଦ୍ର ପ୍ରସାଦ, ୯.କୁତମ୍ ମିନାର, ୧୦. ଫ୍ରାନ୍ସ ଓ ଭାରତ ।

***Jumble Words* ର ଉତ୍ତର :-**

(1) IMMUNE (2) GEESE (3) KHAKI (4) SNAPPY (5) CEMENT (6) HIKER (7) VISTA (8) TYCOON (9) TEMPER (10) RODEO

# ସତ୍‌ଗୁରୁ ସମ କୋଇ ନହୀଂ, ସାତ ଦ୍ୱୀପ ନୌ ଖଣ୍ଡ

ଗୁରୁ ପାରସ କୋ ଅନ୍ତରୋ, ଜାନତ ହୈଁ ସବ ସଂତ ।

ୱହ ଲୋହା କଂଚନ କରେ, ୟେ କରି ଲେୟ ମହଂତ । ।

ସନ୍ଥ କବୀର ଗୁରୁଙ୍କର ମହାନ୍ ମହିମା ଗାନ କରିଛନ୍ତି । ଯେଉଁଥିରେ କବୀର କହିଛନ୍ତି ଯେ ଗୁରୁ ଓ ପରଶମଣି ମଧ୍ୟରେ ଅନ୍ତର ଥିବା କଥା ସମସ୍ତ ସନ୍ଥ ଜାଣନ୍ତି । ପରଶମଣି ତ ଲୁହାକୁ ସୁନା କରିଥାଏ । କିନ୍ତୁ ଗୁରୁ ଶିଷ୍ୟକୁ ନିଜ ସମାନ ମହାନ୍ କରିଦିଅନ୍ତି ।

ଗୁରୁଙ୍କର ଏପରି ମହାନତା କାରଣରୁ ହିଁ ତାଙ୍କୁ ଈଶ୍ୱରତୁଲ୍ୟ ସ୍ୱୀକାର କରାଯାଇଛି । ବସ୍ତୁତଃ ସଦ୍‌ଗୁରୁ ସାକ୍ଷାତ୍ ବ୍ରହ୍ମସ୍ୱରୂପ ଅଟନ୍ତି । ନିରାକାର ବ୍ରହ୍ମ ହିଁ ଜୀବର ଉଦ୍ଧାର ନିମନ୍ତେ ସାକାର ସଦ୍‌ଗୁରୁଙ୍କ ରୂପେ ସ୍ୱୟଂକୁ ଅଭିବ୍ୟକ୍ତ କରନ୍ତି । ଗୁରୁ ଓ ଈଶ୍ୱର ଭିନ୍ନ ନୁହନ୍ତି, ଅଭିନ୍ନ । ଏପରି ସଦ୍‌ଗୁରୁଙ୍କ ପ୍ରାପ୍ତି ମନୁଷ୍ୟ ଜୀବନର ସବୁଠାରୁ ବଡ଼ ଉପଲବ୍ଧି କୁହାଯାଇ ପାରେ ।

ସମୁଦ୍ରରେ କେଜାଣି କେତେ ଭୟାନକ ଝଡ଼ ଆସେ, ଯେଉଁଥିରେ କେଜାଣି କେତେ ନାବ ଓ ନାବିକ ତଥା ସେ ଉପରେ ସବାର ହୋଇଥିବା ଲୋକେ ବିଶାଳ ସମୁଦ୍ର ଗର୍ଭରେ ଲୀନ ହୋଇଯାନ୍ତି, କିନ୍ତୁ ଯେଉଁ ନାବର ମଙ୍ଗ କୁଶଳ ନାବିକ ହାତରେ ଥାଏ, ସେ ବଡ଼ରୁ ବଡ଼ ସାମୁଦ୍ରିକ ଝଡ଼ରେ ମଧ୍ୟ ନିଜର ନୌକା ଓ ସେ ଉପରେ ସବାର ହୋଇଥିବା ଲୋକଙ୍କୁ କୂଳରେ ଲଗାଇ ଦିଏ, ପାର କରିଦିଏ ।

ଏଇ ଜୀବନ ମଧ୍ୟ ଭବସାଗର; ଯେଉଁଥିରେ କାମ, କ୍ରୋଧ, ଲୋଭ, ମୋହ ରୂପେ ଅନେକ ଝଡ଼ ଉଠିଥାଏ । ବ୍ୟକ୍ତିର ଚିତ୍ତରେ ତା'ର ଜନ୍ମ-ଜନ୍ମାନ୍ତରର, କର୍ମ ସଂସ୍କାର ଗୁଡ଼ିକର ଝଡ଼ ଆସିଥାଏ, ଯେଉଁଥିରେ ଅବୋଧ, ଅଜ୍ଞାନ ଲୋକେ ନିଜର ସୁରଦୁର୍ଲଭ ମାନବ ଜୀବନର ଘୋର କ୍ଷତି କରିଥାନ୍ତି ।

ଯେଉଁ ଲୋକମାନେ ସଦ୍‌ଗୁରୁଙ୍କ ନାବରେ ସବାର ହୋଇଛନ୍ତି, ସେମାନେ ଗୁରୁଜ୍ଞାନ ଦ୍ୱାରା କେବଳ ଭୌତିକ ଜୀବନରେ ସୁଖ-ଶାନ୍ତି ଓ ବୈଭବ ପାଆନ୍ତି ନାହିଁ, ବରଂ ଗୁରୁଜ୍ଞାନର ଅମୃତ ପାନ କରି ନିଜର ଚିତ୍ତ ଉପରେ ଜନ୍ମ ଜନ୍ମାନ୍ତରରୁ ଜମା ହୋଇଥିବା କର୍ମ ସଂସ୍କାର ଗୁଡ଼ିକର କାଳିମାକୁ ଧୋଇ ତାକୁ ନିର୍ମଳ କରିନିଅନ୍ତି ଏବଂ ନିଜ ହୃଦୟରେ ଉତ୍ତପ୍ତ ଅଗ୍ନି ରୂପେ, ନିଜ ହୃଦୟରେ ଜଳୁଥିବା ଦିବ୍ୟ ଜ୍ୟୋତିରେ ହିଁ ପରମାତ୍ମାଙ୍କ ଦିବ୍ୟ ଅନୁଭବ ଲାଭ କରି ଜନ୍ମ ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇ ତା'ଠାରୁ ବି ଆଗକୁ ପରିଭକ୍ତି ପ୍ରାପ୍ତ କରି ନିଅନ୍ତି ଏବଂ ଏହି ଭବସାଗରକୁ ଗୁରୁକୃପା ଦ୍ୱାରା ସୁରକ୍ଷିତ ରୂପେ ପାର କରିଯାନ୍ତି ।

ଯେଉଁମାନେ ଦେବଦୁର୍ଲଭ ମାନବ ତନୁକୁ ପାଇ ଲୌକିକ ଓ ପାରଲୌକିକ ଜୀବନକୁ ଆନନ୍ଦ ଓ ଉତ୍ସାହରେ ଭରି ଭଗବତ୍ ପ୍ରାପ୍ତି ରୂପୀ ଜୀବନର ପରମଲକ୍ଷ୍ୟ ପାଇବାକୁ ଚାହାନ୍ତି, ସେମାନେ ନିରାକାର-ନିର୍ଗୁଣ ବ୍ରହ୍ମଙ୍କ ସାକାର ଓ ସଗୁଣ ରୂପ ସଦ୍‌ଗୁରୁଙ୍କୁ ପରମାତ୍ମଭାବରେ ପୂଜା କରିବା ଉଚିତ ଏବଂ ନିତ୍ୟ ତାଙ୍କର ଧ୍ୟାନ କରିବା ଆବଶ୍ୟକ । ସର୍ବଦା ଭାବନା ରଖିବା ଉଚିତ ଯେ ସଦ୍‌ଗୁରୁ ମୋର ଭିତରେ ଓ ବାହାରେ ସର୍ବତ୍ର ବ୍ୟାପ୍ତ । ସଦ୍‌ଗୁରୁ ଯାହା କିଛି କହିବେ, ତାହା ଶିଷ୍ୟ ସକାଶେ ମନ୍ତ୍ର ସଦୃଶ । ଏଣୁ ଗୁରୁଙ୍କ ଦ୍ୱାରା ବଢ଼ାଯାଇଥିବା କାର୍ଯ୍ୟକୁ ଯେକୌଣସି ମୂଲ୍ୟରେ ଶିଷ୍ୟ ସମ୍ପନ୍ନ କରିବା ଉଚିତ ।

ଗୁରୁଙ୍କ ମୂର୍ତ୍ତିପୂଜା ପର୍ଯ୍ୟନ୍ତ ସୀମିତ ରହୁଥିବା ଗୁରୁଭକ୍ତି ଅସମ୍ପୂର୍ଣ୍ଣ । ଅସଲ ଗୁରୁଭକ୍ତି ତ ଗୁରୁଙ୍କ ଦ୍ୱାରା ବଢ଼ାଯାଇଥିବା ଆଦର୍ଶ ଓ ଅନୁଶାସନକୁ ଜୀବନରେ ଅକ୍ଷରଶଃ ଉତାରିବା ଏବଂ ତଦନୁରୂପ ଜୀବନଯାପନ କରିବାରେ ନିହିତ । ଗୁରୁଙ୍କ କାର୍ଯ୍ୟ ସାକ୍ଷାତ୍ ନାରାୟଣଙ୍କର ହିଁ କାର୍ଯ୍ୟ ଅଟେ ।

ଗୁରୁଙ୍କ ଯୋଜନା ସାକ୍ଷାତ୍ ନାରାୟଣଙ୍କ ଯୋଜନା । ଗୁରୁଙ୍କ ସ୍ୱପ୍ନ ସାକ୍ଷାତ୍ ନାରାୟଣଙ୍କ ସ୍ୱପ୍ନ । ଶିଷ୍ୟକୁ ବଡ଼ ବଡ଼ କଷ୍ଟସାଧ ଯଜ୍ଞ, ଅନୁଷ୍ଠାନ, ପୁରଶ୍ଚରଣ, ବ୍ରତ ଆଦିରୁ ମିଳୁଥିବା ଫଳ ଗୁରୁସେବା ଦ୍ୱାରା, ଗୁରୁକାର୍ଯ୍ୟ କରିବା ଦ୍ୱାରା ସ୍ୱତଃ ପ୍ରାପ୍ତ ହୋଇଯାଏ ।

ଏଣୁ ଶିଷ୍ୟ ତନୁ, ମନ, ଧନ ଦ୍ୱାରା, ଶ୍ରଦ୍ଧା ଦ୍ୱାରା, ଭକ୍ତି ଦ୍ୱାରା ଗୁରୁକାର୍ଯ୍ୟରେ ତଲ୍ଲୀନ ରହିବା ଉଚିତ ଏବଂ ତାହା କରିବା ଯୋଗୁଁ ସ୍ୱୟଂକୁ ବଡ଼ ଭାଗ୍ୟବାନ୍ ମାନିବା ଦରକାର । କାରଣ ଏଭଳି ସୁଅବସର, ଭଗବାନଙ୍କ ଯୋଜନାରେ, ଭଗବାନଙ୍କ କାର୍ଯ୍ୟରେ ନିଜର ସେବା ସମର୍ପଣ କରିବାର ଏହି ପରମ ସୁଯୋଗ ନାରାୟଣ ରୂପୀ ସଦ୍‌ଗୁରୁଙ୍କ କୃପାରୁ ହିଁ ଆମକୁ ପ୍ରାପ୍ତ ହୋଇଛି । ଏଣୁ ଆମେ ଯେକୌଣସି ମୂଲ୍ୟରେ ଏହି ମହାନ୍ ସୁଯୋଗକୁ, ମହାନ୍ ଅବସରକୁ ନିଜ ହାତରୁ ଛାଡ଼ିଦେବା ନାହିଁ । ଏଥିରେ ଆମର ଉଦ୍ଧାର, ହିତ, କଲ୍ୟାଣ, ମଙ୍ଗଳ ଓ ଶୁଭ ହେବା ନିହିତ । ଏଥିରେ ଆନନ୍ଦ, ପରମାନନ୍ଦ, ବ୍ରହ୍ମାନନ୍ଦ ରହିଛି । ସେଥିପାଇଁ ତ ସନ୍ଥ କବୀର କହିଛନ୍ତି–

।ପଣ ସାତ ଦ୍ୱୀପ, ନଅ ଖଣ୍ଡ, ତିନି ଲୋକ, ଏକୋଇଶ ବ୍ରହ୍ମାଣ୍ଡରେ ସଦ୍‌ଗୁରୁଙ୍କ ସମାନ ହିତକାରୀ କାହାରିକୁ ପାଇବେ ନାହିଁ ।

ଏଣୁ ଏଭଳି ପରମ ହିତକାରୀ ଗୁରୁଙ୍କ ବଚନକୁ ଶିଷ୍ୟ ଅକ୍ଷରଶଃ ପାଳନ କରିବା ଉଚିତ । ବ୍ରହ୍ମଜ୍ଞାନୀ ଗୁରୁ ନିଜର ବ୍ରହ୍ମଦୃଷ୍ଟିରେ ଆମର ଅନେକ ଜନ୍ମକୁ ଚଳଚ୍ଚିତ୍ର ଭଳି ଦେଖି ନିଅନ୍ତି ଏବଂ ତଦନୁରୂପ ଆମକୁ ସାଧନ, ଭଜନ, ଆଦେଶ, ଅନୁଶାସନ ଗ୍ରହଣ କରିବାର ପରାମର୍ଶ ଦିଅନ୍ତି । ଗୁରୁଙ୍କ ବଚନ ପାଳନ କରିବା ସମୟରେ ଶିଷ୍ୟ ସେଥିରେ ହାନି - ଲାଭ ଆଦିର ବିଚାର ନ କରି କେବଳ ଗୁରୁ ଆଜ୍ଞା ପାଳନ କରିବା ଉଚିତ ।

ଆଜି ପର୍ଯ୍ୟନ୍ତ ଯିଏ ବି ନିଜ ଗୁରୁଙ୍କର ଆଦେଶ ପାଳନ କରିଛି, ତା'ର ମଙ୍ଗଳ ହିଁ ମଙ୍ଗଳ ହୋଇଛି । ମାତା ଉମା ନିଜର ଗୁରୁ ନାରଦଙ୍କ କହିବା ଅନୁସାରେ ଭଗବାନ ଶିବଙ୍କୁ ପତି ରୂପେ ପାଇବା ପାଇଁ କଠୋର ତପ କଲେ ଓ ଶେଷରେ ସେ ଭଗବାନ ଶିବଙ୍କୁ ପତି ରୂପେ ପ୍ରାପ୍ତ କରି ପାରିଲେ ତେଣୁକରି ମାତା ଉମା ଗୁରୁଭକ୍ତି ଓ ଗୁରୁଙ୍କ ଆଦେଶ ପାଳନ କରିବାକୁ ନେଇ ନିଜର ଅନୁଭବକୁ ଅଭିବ୍ୟକ୍ତ କରି ରାମଚରିତ ମାନସରେ କହିଛନ୍ତି – ପାର୍ବତୀ କହିଛନ୍ତି "ମୁଁ ନାରଦଙ୍କ ବଚନକୁ ଛାଡ଼ିବି ନାହିଁ, ଭଲା ମୋର ଘର ବସୁ ବା ଉଜୁଡ଼ି ଯାଉ, ଏହାକୁ ମୁଁ ଡରେ ନାହିଁ । ଗୁରୁଙ୍କ ବଚନରେ ଯାହାର ବିଶ୍ୱାସ ନାହିଁ, ତାକୁ ସୁଖ ଓ ସିଦ୍ଧି ସ୍ୱପ୍ନରେ ବି ସୁଗମ ହୁଏ ନାହିଁ ।"

ଆମେ ନିଜ ଗୁରୁଙ୍କ ବଚନ ଉପରେ ପୂର୍ଣ୍ଣ ବିଶ୍ୱାସ କରି ତାହା ସର୍ବଦା ପାଳନ କରିବା ଉଚିତ । ଗୁରୁଙ୍କ ବଚନକୁ ଶୁଭ ମନେକରି ତାହା ପାଳନ କରିବା ଦରକାର । କାରଣ ଗୁରୁ ସବୁ ପ୍ରକାରେ ଆମର ପରମ ହିତକାରୀ ମୋକ୍ଷ, ମୁକ୍ତି, ପ୍ରଭୁଦର୍ଶନ ଆଦି ପରମ ଲାଭ ଗୁରୁସେବା ଦ୍ୱାରା, ଗୁରୁକାର୍ଯ୍ୟ କରିବା ଦ୍ୱାରା, ଗୁରୁକୃପା ଦ୍ୱାରା ଶିଷ୍ୟକୁ ସ୍ୱତଃ ପ୍ରାପ୍ତ ହୋଇଯାଏ ।

## ଅହିଂସା, ଅକ୍ରୋଧ, ସତ୍ୟ....

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଯାହାକୁ ଭଗବାନ ଶ୍ରୀକୃଷ୍ଣ ଶାନ୍ତି କହିଛନ୍ତି ଏପରି ବ୍ୟକ୍ତି ଅନ୍ୟମାନଙ୍କ ଠାରେ ଦୋଷ ଦେଖେ ନାହିଁ, କାରଣ ତାକୁ ଜଣା ପଡ଼ିଯାଏ ଯେ ପ୍ରକୃତି ଗୁଣ ହିଁ ଗୁଣ ବର୍ଷା କରୁଛି ଏବଂ ବ୍ୟକ୍ତିକୁ ଦୋଷ ଦେବାର କୌଣସି ଅଭିପ୍ରାୟ ପ୍ରମାଣିତ ହୁଏ ନାହିଁ । ଏହି ଗୁଣକୁ ଭଗବାନ ଶ୍ରୀକୃଷ୍ଣ ଅପୈଶୁନ କହିଛନ୍ତି, କାରଣ ଏପରି ବ୍ୟକ୍ତିଠାରେ ସର୍ବଦା ସମସ୍ତଙ୍କ ପ୍ରତି ଦୟାକରୁଣାର ଭାବ ରହିଥାଏ ତଥା ଅନ୍ୟମାନେ ବିଷୟ ଭୋଗ କରୁଥିବାର ଦେଖି ତାହାକୁ ପାଇବା ପାଇଁ ମନରେ ତା'ର ବିକଳତା ଉତ୍ପନ୍ନ ହୁଏ ନାହିଁ । ଏହି ଗୁଣକୁ ଭଗବାନ ଅଲୋଲୁପତ୍ୱ (ନିର୍ଲୋଭତା) କହିଛନ୍ତି । ଏହା ସହିତ ଶ୍ରୀଭଗବାନ ଅନ୍ୟ ଦୈବୀ ଗୁଣ ଯଥା ମାର୍ଦ୍ଦବ ଅର୍ଥାତ୍ କଠୋରତାର ସର୍ବଦା ଅଭାବ, 'ହ୍ରୀ' ଅର୍ଥାତ୍ ଶାସ୍ତ୍ରୋକ୍ତ ଆଚରଣ ପାଇଁ ବିରୋଧରେ ଯିବାରେ ସଙ୍କୋଚ ତଥା ଅଚାପଳ ଅର୍ଥାତ୍ ପ୍ରମାଦର ସର୍ବଥା ଅଭାବ (ଅଚଞ୍ଚଳ ଭାବ) କହିଛନ୍ତି ଏସବୁ ଦୈବୀ ପ୍ରବୃତ୍ତିର ପ୍ରତୀକ ଅଟେ ତଥା ଏଗୁଡ଼ିକର ଉପସ୍ଥିତି ସେମାନଙ୍କ ଠାରେ ରହିଥାଏ, ଯେଉଁମାନେ ପରମାତ୍ମାଙ୍କ ପ୍ରତି ସହଜ ରୂପେ ଅନୁରକ୍ତ ରହିଥାନ୍ତି ।

## ସାମ୍ବାଦିକତା ବିଦ୍ୟାର୍ଥୀ.... (ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ପଞ୍ଚମରେ ସାମ୍ବାଦିକତା କ୍ଷେତ୍ରରେ ପ୍ରକାଶନ ସୃଜନର ଅଂଶବିଶେଷ । ସମ୍ବାଦ ରଚନା ପରେ ତାହାର ସଂଶୋଧନ, ପୁନଃସଂଶୋଧନ, ସତୀର୍ଥ ବା ପରିଚ୍ଛିତ ବର୍ଗଙ୍କ ମଧ୍ୟରେ ପାଠକୀୟ ଆଦୃତି ନିର୍ଦ୍ଧାରଣ ସାଙ୍ଗକୁ ଅଙ୍ଗସଜ୍ଜା ଓ ଉପଯୁକ୍ତ ମଞ୍ଚରେ ପ୍ରକାଶନ ପ୍ରତି ଯତ୍ନବାନ ହେବାକୁ ପଡ଼ିଥାଏ । ଅଭିଜ୍ଞ ସାମ୍ବାଦିକ ସମ୍ବାଦ ରଚନାର ଏହି ପାଞ୍ଚଗୋଟି ସୋପାନ ଦେଇ ଗତିକରୁଥିବା ସ୍ଥଳେ ସାମ୍ବାଦିକତା ବିଦ୍ୟାର୍ଥୀଙ୍କ ପକ୍ଷରେ ମଧ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ । ସମ୍ବାଦ ରଚନା କଳାକୌଶଳ ଶିକ୍ଷା କରିବା ପ୍ରାଥମିକ ଅବସ୍ଥାରୁ ପ୍ରତ୍ୟେକଟି ସୋପାନରେ ଉତ୍କର୍ଷ ବିକାଶ ନିମନ୍ତେ ଧ୍ୟାନ ଦେବାକୁ ପଡ଼ିଥାଏ ।

'କୋଭିଡ୍‌-୧୯' ମହାମାରୀ-ପର ପରିବେଶ 'ନ୍ୟୁ-ନରମାଲ'ରେ ଭାରତୀୟ ଗଣମାଧ୍ୟମ କେତେକ ନୂତନ ସମସ୍ୟା ଓ ସମ୍ଭାବନାର ସାମ୍ନା କରିଛି । ମହାମାରୀ-ପୂର୍ବ ସମୟରୁ ଆରମ୍ଭ ହୋଇଥିବା ଜନଜୀବନରେ ଡିଜିଟାଲ ରୂପାନ୍ତର ପ୍ରକ୍ରିୟା ମହାମାରୀ କାଳରେ ପ୍ରଖର ହୋଇଥିଲା ଏବଂ ମହାମାରୀ-ପର ଅବସ୍ଥାରେ ବିଶେଷକରି ସୋସିଆଲ ମିଡ଼ିଆର ବ୍ୟାପ୍ତି ତଥା ଦୈନିକଭିତ୍ତିରେ ଉପଭୋକ୍ତାଙ୍କ ଦୀର୍ଘ ସମୟ ସଂପୃକ୍ତି ଗଣମାଧ୍ୟମର ପ୍ରଭାବ ବୃଦ୍ଧିରେ ପର୍ଯ୍ୟବସିତ । ଆଧୁନିକ ଟେଲିଯୋଗାଯୋଗ ପରିବେଶରେ ୯୮ ପ୍ରତିଶତ ଯାଏଁ ଜନସାଧାରଣ ସ୍ମାର୍ଟଫୋନ ଯୋଗେ ଇଣ୍ଟରନେଟ ମଞ୍ଚରେ ଉପସ୍ଥିତ ହେଉଥିବା ହିସାବ କରାଯାଏ । ମହାମାରୀ-ପର ଅବସ୍ଥାରେ ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ୭୫ କୋଟି ଥିବା ସ୍ଥଳେ ୨୦୨୬ ସୁଦ୍ଧା ଶହେ କୋଟିରେ ପହଞ୍ଚିବା ଆକଳନ କରାଯାଏ । ସାଧାରଣ ସକ୍ରିୟ ଉପଭୋକ୍ତା ଦୈନିକଭିତ୍ତିରେ ଛଅ ଘଣ୍ଟା ଯାଏଁ ଗଣମାଧ୍ୟମ ଆହରଣରେ ସଂପୃକ୍ତ ରହିଥାନ୍ତି ।

ଏହିଭଳି ପରିସଂଖ୍ୟାନ ସୋସିଆଲ ମିଡ଼ିଆ ପରିଧିରେ ଜନସାଧାରଣଙ୍କ ଯୋଗଦାନର ପ୍ରଶସ୍ତି ପ୍ରତିପାଦିତ କରେ । ବହୁ ସଂଖ୍ୟକ ସୋସିଆଲ ମିଡ଼ିଆ ଯୋଗେ ସମ୍ବାଦ ଆହରଣ ସାଙ୍ଗକୁ ସମ୍ବାଦ ପ୍ରସାରଣରେ ଯୋଡ଼ି ହେଉଥିବା ହେତୁ ପ୍ରତ୍ୟେକଙ୍କୁ ସମ୍ବାଦ ସରବରାହର ମୌଳିକ ନୀତିନିୟମ ସଂପର୍କରେ ଅବଗତ କରାଇବା ସମୟର ଆହ୍ୱାନ । ସାମୟିକ ଭାବେ ସମ୍ବାଦ ପ୍ରସାରଣରେ ସଂଶ୍ଳିଷ୍ଟ ହେଉଥିବା 'ନାଗରିକ ସାମ୍ବାଦିକ'ଙ୍କୁ ସାମ୍ବାଦିକତା ଶିକ୍ଷା ପ୍ରଦାନ ଗଣମାଧ୍ୟମ ସାକ୍ଷରତା 'ମିଡ଼ିଆ ଲିଟରାସି' ପର୍ଯ୍ୟାୟଭୁକ୍ତ ।

ସ୍ମାର୍ଟଫୋନ ଓ ସୋସିଆଲ ମିଡ଼ିଆ ବ୍ୟବହାରକାରୀଙ୍କ ସଂଖ୍ୟା ବୃଦ୍ଧିକୁ ତାଳ ଦେଇ ମିଡ଼ିଆ ଲିଟରାସିର ପ୍ରସାର ଭାରତୀୟ ସମାଜରେ ଅତ୍ୟନ୍ତ କଠିନ ସମସ୍ୟା ପ୍ରତୀୟମାନ ହୋଇଥାଏ । କିନ୍ତୁ ଏହି କ୍ଷେତ୍ରରେ ଅବହେଳା ସୋସିଆଲ ମିଡ଼ିଆର ଦୁରୋପଯୋଗ ହେତୁ ସାମାଜିକସ୍ତରରେ ବିଶୃଙ୍ଖଳାର କାରଣ ପାଲଟିପାରେ । ସର୍ବାପେକ୍ଷା ଦୁଃର୍ଭାଗ୍ୟର ବିଷୟ ଏହିଯେ ଏହି ଦିଗରେ ନୀତି ନିର୍ଦ୍ଧାରକମାନେ ସଚ୍ଚେତନ ନଥାନ୍ତି । ପ୍ରତ୍ୟେକ ସମ୍ବାଦ ମଞ୍ଚ, ସାମ୍ବାଦିକଙ୍କ ସାଙ୍ଗକୁ ସାମ୍ବାଦିକତା ବିଦ୍ୟାର୍ଥୀ ଗଣମାଧ୍ୟମର ମୌଳିକ ନୀତିନିୟମ କିପରି ସର୍ବସାଧାରଣଙ୍କୁ ଅବଗତ କରାଯାଇପାରିବ ସେହି ଦିଗରେ ବ୍ୟକ୍ତିଗତ ଓ ସାମୂହିକସ୍ତରରେ ଉଦ୍ୟମ କରିବା ମୌଳିକ କର୍ତ୍ତବ୍ୟ ରୂପେ ବିଚାର କରାଯାଏ ।

ସାମ୍ବାଦିକତା ଉନ୍ମେଷକାଳରୁ ବିପଦପୂର୍ଣ୍ଣ ବିବେଚିତ । ସାମ୍ବାଦିକତା ଭାରତର ସ୍ଥାନ... ସତ୍ୟ ଉଦଘାଟନ ଓ ପ୍ରସାରଣରେ ସଂପୃକ୍ତ ରହୁଥିବା ହେତୁ ତଦ୍ୱାରା ପ୍ରଭାବିତ ବର୍ଗ ସାମ୍ବାଦିକର କଣ୍ଠରୋଧ ନିମନ୍ତେ ଉଦ୍ୟମ କରିଥାନ୍ତି । ନ୍ୟସ୍ତସ୍ୱାର୍ଥଙ୍କ ଆକ୍ରୋଶର ଶିକାର ହୋଇଥିବା ତୁର୍କୀ ଓ ମେକ୍ସିକୋର ଦୁଇଜଣ ସାମ୍ବାଦିକଙ୍କ କଥୋପକଥନ ଆଧାରିତ ୟୁଟ୍ୟୁବରେ ସ୍ଥାନିତ ଏକ ବୃତ୍ତଚିତ୍ର (୫୨ ମିନଟ) ଦେଖିବା ନିମନ୍ତେ ନିମ୍ନ-ପ୍ରଦତ୍ତ ଲିଙ୍କରେ କ୍ଲିକ କରନ୍ତୁ । ଉଲ୍ଲେଖଯୋଗ୍ୟ ବିଷୟ ଏହିଯେ ବିଶ୍ୱବ୍ୟାପୀ ସାମ୍ବାଦିକଙ୍କ ପ୍ରତି ଅବିଚାର ସମୀକ୍ଷା କରୁଥିବା ଫରାସୀ ସଂଗଠନ 'ରିପୋର୍ଟର୍ସ ଉଇଥଆଉଟ ବୋର୍ଡର୍ସ'ର ଗଣମାଧ୍ୟମ ସ୍ୱାଧୀନତା ୨୦୨୨ ସୂଚକାଙ୍କରେ ୧୮୦ଗୋଟି ରାଷ୍ଟ୍ର ମଧ୍ୟରେ ତୁର୍କୀର ସ୍ଥାନ ୧୪୯ ଓ ମେକ୍ସିକୋର ସ୍ଥାନ ୧୨୭ ଥିବା ସ୍ଥଳେ ଭାରତର ସ୍ଥାନ ୧୫୦ ନିର୍ଣ୍ଣିତ ।

# ପ୍ରତିଦିନ ପ୍ରଦୂଷଣ ନେଉଛି ୬୫୦୦ ଜୀବନ

ନୂଆଦିଲ୍ଲୀ : ଦିନକୁ ଦିନ ପ୍ରଦୂଷଣମାତ୍ରା ଉଦବେଗଜନକ ଭାବେ ବଢ଼ିଚାଲିଛି । ପ୍ରଦୂଷଣ ଦ୍ୱାରା ଭାରତରେ ପ୍ରତ୍ୟେକ ଦିନ ପାଖାପାଖି ୬୫୦୦ ଲୋକଙ୍କର ମୃତ୍ୟୁ ହେଉଛି । ଏହା କରୋନା ମହାମାରୀ ଯୋଗୁଁ ହୋଇଥିବା ମୃତ୍ୟୁ ଠାରୁ ଢେର ଗୁଣରେ ଅଧିକ । ୨୦୧୯ରେ ଭାରତରେ ପ୍ରଦୂଷଣ ମୋଟ ୨୪ ଲକ୍ଷ ଜୀବନ ନେଇଛି । ଲ୍ୟାନସେଟ୍ ରିପୋର୍ଟରେ ଏହି ତଥ୍ୟ ପ୍ରକାଶିତ ହୋଇଛି ।

ରିପୋର୍ଟ ମୁତାବକ, ୨୦୧୯ରେ ବିଶ୍ୱରେ ପାଖାପାଖି ୯୦ ଲକ୍ଷ ଲୋକ ପ୍ରଦୂଷଣ ଯୋଗୁଁ ପ୍ରାଣ ହରାଇଛନ୍ତି । ଏଥିମଧ୍ୟରୁ ତିନି-ଚତୁର୍ଥାଂଶ ମୃତ୍ୟୁ ବିଷାକ୍ତ ବାୟୁ ଯୋଗୁଁ ହେଉଛି । ପ୍ରତି ୬ରୁ ଗୋଟିଏ ମୃତ୍ୟୁର କାରଣ ପ୍ରଦୂଷଣ । ମ୍ୟାଲେରିଆ, ଏଚ୍ଆଇଭି, ଟିବି, ଯୁଦ୍ଧ ଏବଂ ନିଶା ସେବନ ଯୋଗୁଁ ମଧ୍ୟ ବର୍ଷକରେ ଏତେ ମାତ୍ରାରେ ଲୋକ ପ୍ରାଣ ହରାଇ ନାହାନ୍ତି । ଗତ ୨୦ ବର୍ଷ ମଧ୍ୟରେ ବାୟୁ ପ୍ରଦୂଷଣ ଓ ବିଷାକ୍ତ ରାସାୟନିକ ଯୋଗୁଁ ହେଉଥିବା ମୃତ୍ୟୁ ସଂଖ୍ୟା ୬୬% ବୃଦ୍ଧି ପାଇଛି ।



ଜନସଂଖ୍ୟା ଅନୁପାତରେ ଭାରତ ପ୍ରଦୂଷଣ ଜନିତ ମୃତ୍ୟୁରେ ବିଶ୍ୱରେ ୧୬ତମ ସ୍ଥାନରେ ଅଛି । ଭାରତରେ ଲକ୍ଷ ଜନସଂଖ୍ୟା ଅନୁପାତରେ ୧୬୯.୫ ଜଣଙ୍କର ମୃତ୍ୟୁ ହୋଇଛି । ଯାହା ଅନ୍ୟ କେତେକ ଦେଶ ତୁଳନାରେ ଯଥେଷ୍ଟ କମ୍ । ୨୦୧୫ ତୁଳନାରେ ଭାରତରେ ପ୍ରଦୂଷଣ ଯୋଗୁଁ ମୃତ୍ୟୁ ସଂଖ୍ୟା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି । ୨୦୧୫ରେ ଦେଶରେ ପ୍ରଦୂଷଣ ୨୫ ଲକ୍ଷ ଜୀବନ ନେଇଥିବା ବେଳେ ୨୦୧୯ରେ ଏହା ୨୪ ଲକ୍ଷକୁ ଖସିଛି । ବାୟୁ ପ୍ରଦୂଷଣ ଯୋଗୁଁ ଦେଶରେ ବର୍ଷକ ମଧ୍ୟରେ ୧୬ ଲକ୍ଷ ଲୋକ ଏବଂ ଜଳ ପ୍ରଦୂଷଣ ଯୋଗୁଁ ୫ ଲକ୍ଷ ଲୋକ ଜୀବନ ହରାଇଛନ୍ତି । ଚୀନରେ ୨୦୧୫ରେ ପ୍ରଦୂଷଣ ଯୋଗୁଁ ୧୮ ଲକ୍ଷ ମୃତ୍ୟୁ ହୋଇଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୨୧ ଲକ୍ଷକୁ ବୃଦ୍ଧିପାଇଛି । ରିପୋର୍ଟ ମୁତାବକ, ବିଶ୍ୱରେ ହୋଇଥିବା ୯୦ ଲକ୍ଷ ମୃତ୍ୟୁ ମଧ୍ୟରୁ ୬୬.୭ ଲକ୍ଷ ମୃତ୍ୟୁ ବାୟୁ ପ୍ରଦୂଷଣ ଏବଂ ୧୩.୬ ଲକ୍ଷ ମୃତ୍ୟୁ ଜଳ ପ୍ରଦୂଷଣ ଯୋଗୁଁ ହୋଇଛି । ୨୦୦୦ ମସିହାରେ ରାସାୟନିକ ପ୍ରଦୂଷଣ ଯୋଗୁଁ ୯୦ ହଜାର ମୃତ୍ୟୁ ହୋଇଥିବା ବେଳେ ୨୦୧୫ରେ ଏହି ସଂଖ୍ୟା ୧୭ ଲକ୍ଷ ଏବଂ ୨୦୧୯ରେ ଏହା ୧୮ ଲକ୍ଷକୁ ବୃଦ୍ଧିପାଇଛି । ପ୍ରଦୂଷଣ ଜନିତ ମୃତ୍ୟୁ ଦ୍ୱାରା ବିଶ୍ୱକୁ ପାଖାପାଖି ୩୫୬.୬୬ ଲକ୍ଷ କୋଟି ଟଙ୍କାରୁ ଅଧିକ କ୍ଷତି ସହିବାକୁ ପଡ଼ିଛି । ଏହି ଆର୍ଥିକ କ୍ଷତି ଯୋଗୁଁ ସର୍ବାଧିକ ଚାପ ମଧ୍ୟବିତ୍ତ ଓ ଗରିବ ଦେଶକୁ ଭୋଗିବାକୁ ପଡ଼ିଛି । ୯୦% ପ୍ରଦୂଷଣ ଜନିତ ମୃତ୍ୟୁ ଗରିବ ଓ ମଧ୍ୟବିତ୍ତ ଦେଶମାନଙ୍କରେ ହୋଇଛି । ଧନୀ ରାଷ୍ଟ୍ରଗୁଡ଼ିକ ପ୍ରଦୂଷଣ ରୋକିବା ନିମନ୍ତେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ସେଠାରୁ ମୃତ୍ୟୁ ସଂଖ୍ୟା ଯଥେଷ୍ଟ କମ୍ ରହିଛି । ଜନସଂଖ୍ୟା ବହୁଳ ଦେଶମାନଙ୍କରେ ମଧ୍ୟ ପ୍ରଦୂଷଣ ମାତ୍ରା ଅଧିକ ରହିଛି ।

ସୂଚନା ଥାଉକି, ବିଶ୍ୱର ୧୦ ପ୍ରମୁଖ ପ୍ରଦୂଷିତ ସହର ମଧ୍ୟରେ ଭାରତର ୬ ସହର ରହିଛି । ବାୟୁ ପ୍ରଦୂଷଣ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍) ଦ୍ୱାରା ପ୍ରସ୍ତୁତ ସମସ୍ତ ମାନଦଣ୍ଡକୁ ପାଳନ କରିବାରେ ଭାରତ ବିଫଳ ହୋଇଛି । ଫଳରେ ପ୍ରତ୍ୟେକ ଦିନ କୋଟିକୋଟି ଲୋକ ଶ୍ୱାସକ୍ରିୟାରେ ବିଷାକ୍ତ ବାୟୁ ନେବାକୁ ବାଧ ହେଉଛନ୍ତି । ପ୍ରତ୍ୟେକ ବର୍ଷ ଶୀତ ଋତୁରେ ଦିଲ୍ଲୀ ବାୟୁ ପ୍ରଦୂଷଣରେ ରେକର୍ଡ ରଚୁଛି । ଗତବର୍ଷ ଶୀତ ଋତୁରେ କେବଳ ୨ ଦିନକୁ ବାଦ୍ ଦେଲେ ପ୍ରତ୍ୟେକ ଦିନ ଦିଲ୍ଲୀର ବାୟୁ ପ୍ରଦୂଷିତ ଥିଲା ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ସମ୍ବଲପୁର : ସମ୍ବଲପୁର ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଚିଣ୍ଡା ବିଧାୟକ କିଶୋର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲ୍ଲା ସମେତ ଉପଖଣ୍ଡ, ତହସିଲ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆବଶ୍ୟକ ପଲିଥିନ ମହଜୁଦ ରଖିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।

ବର୍ଷାଦିନ ପୂର୍ବରୁ ଜଳ ନିଷ୍କାସନ ନାଳ ଓ କେନାଲଗୁଡ଼ିକୁ ପରିଷ୍କାର ରଖିବା, ବାତ୍ୟା ପୂର୍ବରୁ ଓ ପରବର୍ତ୍ତୀ ୨ରୁ ୩ମାସ ପାଇଁ ଖାଦ୍ୟ ପଦାର୍ଥ ଓ ରିଲିଫ ସାମଗ୍ରୀ ମହଜୁଦ ରଖିବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଓଆର୍ଏସ ପ୍ୟାକେଟ, ହାଲୋଜେନ ବଟିକା, ସାପ କାମୁଡ଼ା ଔଷଧ, ବ୍ଲିଚିଂ ପାଉଡ଼ର ରଖିବାକୁ କୁହାଯାଇଛି । ବନ୍ୟା ସମୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆପତକାଳୀନ ସମୟରେ ପ୍ରଭାବିତ ଅଞ୍ଚଳରେ ଯେପରି ଗୋଖାଦ୍ୟ ଶୀଘ୍ର ପହଞ୍ଚିବ ସେ ସମ୍ପର୍କରେ ଜିଲ୍ଲାପାଳ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲା ଜରୁରୀକାଳୀନ ବିଭାଗ, ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଓ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକରେ ନିୟନ୍ତ୍ରଣ କକ୍ଷ ଆସନ୍ତା ଜୁନ ୧ ତାରିଖରୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ହେବ । ଜଳସେଚନ ବିଭାଗର ଯନ୍ତ୍ରୀମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରିଲିଫ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଡ଼ଙ୍ଗାଗୁଡ଼ିକର ଆବଶ୍ୟକ ମରାମତି କରି ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଏହାଛଡ଼ା ପାୱାର ବୋଟ ସହ ବାତ୍ୟା ସମୟରେ ବ୍ୟବହାର ହେଉଥିବା ଉଦ୍ଧାର ଉପକରଣ ପ୍ରସ୍ତୁତ ରଖିବା ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲା, ଉପଖଣ୍ଡ, ବ୍ଲକ, ତହସିଲ, ପୌରାଞ୍ଚଳ ଅଧିକାରୀମାନେ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ । ଭିସିରେ ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ଏସ୍ଏମସି କମିଶନର ପ୍ରଦୀପ କୁମାର ସାହୁ, ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଉପଜିଲାପାଳ, ବିଡ଼ିଓ, ତହସିଲଦାର ଯୋଡି ହୋଇଥିଲେ ।

## ଲଜପତ ରାୟ ଆଇନ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ରାଜ୍ୟର ଦ୍ୱିତୀୟ ସର୍ବପୁରାତନ ମହାବିଦ୍ୟାଳୟକୁ ପଙ୍ଗୁ କରିବାକୁ ଚକ୍ରାନ୍ତ ହେଉଥିବା ମତପ୍ରକାଶ ପାଇଥିଲା । ସବିଶେଷ ଆଲୋଚନା ପରେ ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା । ତନ୍ମଧ୍ୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କ ତରଫରୁ ମହାବିଦ୍ୟାଳୟ ଅଧକ୍ଷ ବେଆଇନ ଭାବେ ସ୍ଥାନାନ୍ତରିତ କରିଥିବା ୬୨ ଲକ୍ଷ ୬୭ ହଜାର ଟଙ୍କା ୧୦ ଦିନ ମଧ୍ୟରେ ଫେରାଇ ଦେବାକୁ ଦାବି କରାଯାଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କନଷ୍ଟିଚ୍ୟୁଏଣ୍ଟ କଲେଜର ଉନ୍ନତି ସକାଶେ ଆର୍ଥିକ ସହଯୋଗ ଓ ଲଜିଷ୍ଟିକ ଭିତ୍ତିଭୂମି ସହାୟତା ଦେବାରେ ବିଫଳ ହୋଇଥିବାରୁ ତାହାକୁ ନିନ୍ଦା କରାଯାଇଥିଲା । ବିଶ୍ୱବିଦ୍ୟାଳୟରେ ନିୟୋଜିତ ଥିବା ଆଇନ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ତୁରନ୍ତ ଫେରାଇଦେବାକୁ ଦାବି କରାଯାଇଥିଲା । ଏହାସହ ଖାଲିଥିବା ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ କରିବାକୁ ଅନୁରୋଧ କରାଯାଇଥିଲା ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra


# ପୁଲିସ୍ ଓ ଜେଏସଡବ୍ଲୁ ଭୂଷଣ ମିଳିତ ରକ୍ତଦାନ ଶିବିର




ସମ୍ବଲପୁର: ପୁଲିସ ଏବଂ ଜେଏସଡ଼ବ୍ଲ୍ୟୁ ଭୂଷଣର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଠେଲକୋଲୋଇ ଥାନା ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶିବିରରୁ ୨୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଏହି ଶିବିରକୁ ମିଳିତ ଭାବରେ ଉମେଶ ରାୟ (ସିଇଓ) ଏବଂ ଆଇଆଇସି ବିଧୁ ଭୂଷଣ ମିଶ୍ର ଉଦଘାଟନ କରିଥିବା ବେଳେ ଧନଞ୍ଜୟ କୁମାର ସିହ୍ନା (ଭିପି ଆଡମିନ), ମନୋଜ ସିଂହ (ସେକ୍ୟୁରିଟି ହେଡ୍), ଡାକ୍ତର ସୁଧାମୟ ନାୟକ, ଡାକ୍ତର ରବିଶଙ୍କର ଚୌଧୁରୀ, ଡାକ୍ତର ଅଖିଳ ମିଶ୍ର, ଡାକ୍ତର ଟେକ ଚାନ୍ଦ ପଟେଲ, ଶିବ ସିଂହ ରାଉତ ଏବଂ ବି ବି ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରକୁ ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଓ ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର କଲେସ କକ୍କଡ଼, ସନ୍ତୋଷ ଗଉଡ଼ ଏବଂ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ । ହାବିଲଦାର ଏବଂ କନଷ୍ଟେବଲ ସଂଘ ଶାଖା ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଏହି ଶିବିର ଆୟୋଜନ କରାଯାଇଥିଲା ।

# ଚନ୍ଦ୍ରଶେଖର ବେହେରାଙ୍କ ଉପଯୁକ୍ତ ସ୍ମୃତିରକ୍ଷା ହୋଇ ନ ଥିବାରୁ କ୍ଷୋଭ







ସମ୍ବଲପୁର: ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓକିଲ ତଥା ସମ୍ବଲପୁର ପୌରପରିଷଦର ପ୍ରଥମ ଅଧ୍ୟକ୍ଷ ଚନ୍ଦ୍ରଶେଖର ବେହେରା ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ମଧ ଏ ପର୍ଯ୍ୟନ୍ତ ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା ହୋଇ ପାରି ନ ଥିବାରୁ ବିଶିଷ୍ଟ ବ୍ୟକ୍ତିମାନେ କ୍ଷୋଭ ପ୍ରକାଶ କରିଛନ୍ତି।

କୁଲୁଥକାନୀ ନାଗରିକ କମିଟି ପକ୍ଷରୁ କାର୍ତ୍ତିକେଶ୍ୱର ମେହେରଙ୍କ ପୌରୋହିତ୍ୟରେ ଆୟୋଜିତ ଚନ୍ଦ୍ରଶେଖର ବେହେରାଙ୍କ ୧୪୯ ତମ ଜୟନ୍ତୀ ଉତ୍ସବରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଡକ୍ଟର ଗୌରୀଦାସ ପ୍ରଧାନ ମୁଖ୍ୟବକ୍ତା ଏବଂ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ ଡକ୍ଟର ମୀନକେତନ ପାଠୀ, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଜିଲ୍ଲା ସ୍କୁଲ ପୁରାତନ ଛାତ୍ର ସଂଘର ସଭାପତି ଶଶାଙ୍କ ଶେଖର ପୁରୋହିତ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ ମିଶ୍ର, ଆଇନଜୀବୀ ଡକ୍ଟର ପ୍ରମୋଦ ରଥ ଓ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଏକତ୍ରିକରଣ ଆନ୍ଦୋଳନକୁ ଜାତୀୟ ଆନ୍ଦୋଳନ ସହିତ ଯୋଡ଼ିବା ଏବଂ ଓଡ଼ିଶା ଗଠନର ଅଗ୍ରଦୂତ ସାଜିବା ସହିତ ସମାଜ ସଂସ୍କାରକ ଭାବରେ ସର୍ବସ୍ୱୀକୃତ ମାର୍ଗଦର୍ଶକ ରୂପେ ନିଜକୁ ପ୍ରମାଣିତ କରିଥିଲେ ବୋଲି କହିଥିଲେ। ଆସନ୍ତା ବର୍ଷ ହେବାକୁ ଥିବା ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜନ୍ମବାର୍ଷିକୀ ସମ୍ବଲପୁର ତଥା ରାଜ୍ୟସ୍ତରରେ ମହାସମାରୋହରେ ପାଳନ କରାଯାଇ ତାଙ୍କର ସ୍ଥାୟୀ ସ୍ମୃତିରକ୍ଷା କରାଯିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଧରଣୀଧର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ କାଶୀନାଥ ପ୍ରଧାନ ଓ ଉଦିତ ଚନ୍ଦ୍ର ପାଙ୍ଗଯୋଗୀ ମଧ ଭାଷଣ ଦେଇଥିଲେ। ଶେଷରେ ଶ୍ରୀ ଅରବିନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଅନୁଷ୍ଠାନର ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଚନ୍ଦ୍ର ଶେଖର ବେହେରାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉପାଧ୍ୟକ୍ଷ ଡକ୍ଟର କାମଦେବ ସାହୁ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ପାଦକ ଡକ୍ଟର ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଶେଷରେ ସହ-ସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଆଭ୍ୟନ୍ତରୀଣ ଖେଳଗୃହ ଉଦ୍‌ଘାଟିତ



ସମ୍ବଲପୁର: ଚନ୍ଦ୍ରଶେଖର ବେହେରାଙ୍କ ୧୪୯ତମ ଜୟନ୍ତୀ ଅବସରରେ ଜିଲ୍ଲା ସ୍କୁଲ ପୁରାତନ ଛାତ୍ରସଂଘ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଜିଲ୍ଲାସ୍କୁଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହାପରେ ପୁରାତନ ଛାତ୍ରସଂସଦ ପକ୍ଷରୁ ବିଦ୍ୟାଳୟର ପୂର୍ବତନ ଖେଳଶିକ୍ଷକ କୁଞ୍ଜବନ ମହାପାତ୍ରଙ୍କ ସ୍ମୃତିରେ ନିର୍ମିତ ନୂତନ ଇନଡୋର ଖେଳଗୃହକୁ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପୁରାତନ ଛାତ୍ରସଂଘ ସଭାପତି ଶଶାଙ୍କ ପୁରୋହିତ, ସମ୍ପାଦକ ଡାକ୍ତର ଦିଲୀପ କୁମାର ନନ୍ଦ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ର, ସମ୍ପାଦକ ଡାକ୍ତର ସିଦ୍ଧାର୍ଥ ପଣ୍ଡା, ପ୍ରଫୁଲ୍ଲ ହୋତା, ସୁରଂଜନ ମହାପାତ୍ର, ଶଶୀଭୂଷଣ ତ୍ରିପାଠୀ, ସୁରେଖା ସାହୁ, ପ୍ରଧାନ ଶିକ୍ଷକ ସୋରେନ ପ୍ରଧାନ ପ୍ରମୁଖଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବୁଦ୍ଧ ଓ ଭୀମଭୋଇଙ୍କ ଜୟନ୍ତୀ ପାଳିତ



ସମ୍ବଲପୁର: ରାଷ୍ଟ୍ରୀୟ ବୌଦ୍ଧ ମହାସଭା ସମ୍ବଲପୁର ଶାଖା ପକ୍ଷରୁ ଗୌତମ ବୁଦ୍ଧ ଏବଂ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ଜୀବନ ବୀମା ନିଗମର ମଣ୍ଡଳ ପ୍ରବନ୍ଧକ କହ୍ନେଇ ହାଁସଦା, ବରିଷ୍ଠ ଅଧିକାରୀ ମନୋଜ ବାରିକ ଏବଂ ଆକାଶବାଣୀ ସମ୍ବଲପୁରର ଅବସରପ୍ରାପ୍ତ ଉଦ୍‌ଘୋଷକ କୃଷ୍ଣ ଚନ୍ଦ୍ର କନ୍ଧେର ଯଥାକ୍ରମେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ବୌଦ୍ଧ ମହାସଭା, ଓଡ଼ିଶା ପ୍ରଦେଶର ସଂଯୋଜକ ନେପାଳେଶ୍ୱର ବୌଦ୍ଧଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସମାରୋହରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭାର ସଦସ୍ୟ ସଂଘପ୍ରିୟ ବୌଦ୍ଧ, ରାଜୁ ବୌଦ୍ଧ, ବୀରେନ୍ଦ୍ର ବୌଦ୍ଧ ଏବଂ ଅର୍ଜୁନ ମୁଣ୍ଡା ବୌଦ୍ଧ, ବିଜୟ ବୌଦ୍ଧ ଏବଂ ଉପାସିକା ରୂପ ମାଳା ବୌଦ୍ଧ ସହଯୋଗ କରିଥିଲେ।

## ପାଲାର ଉତ୍ପତ୍ତି ଓ କ୍ରମବିକାଶ’ ଶୀର୍ଷକ ଆଲୋଚନାଚକ୍ର







ସମ୍ବଲପୁର : ସାହିତ୍ୟ, ସଂସ୍କୃତି, କବି ଓ କବିତା, କଳା ଓ କଳାକାରଙ୍କୁ ପାଲା ସଂସ୍କୃତି ବଞ୍ଚାଇ ରଖି ପାରିଛି। ଆଜିର ଆଧୁନିକ ଯୁଗରେ ଛାନ୍ଦ, ଚମ୍ପୂ, ସ୍ତୁତି, ମଧୁର କବିତାର ସ୍ୱାଦ, ଭାଷା ସାହିତ୍ୟର ଆନନ୍ଦ ଯୁବପିଢ଼ିଠାରୁ ଦୂରେଇ ଯାଉଥିଲାବେଳେ ପାଲା କଳା ତାକୁ ଜନମାନସରେ ଉଜ୍ଜୀବିତ କରିପାରୁଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି।

ସିଦ୍ଧେଶ୍ୱରୀ ଧର୍ମ ସଂସଦର ଶାଖା ଅନୁଷ୍ଠାନ ‘ରୌପ୍ୟ ଜୁବୁଲୀ ପାଲା ପରିଷଦ’ ଆନୁକୂଲ୍ୟରେ ‘ପାଲାର ଉତ୍ପତ୍ତି ଓ କ୍ରମ ବିକାଶ’ ଉପରେ ଆୟୋଜିତ ଆଲୋଚନାଚକ୍ରରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କହିଥିଲେ ଯେ, ପାଲା ହେଉଛି ଏକ ପ୍ରଦର୍ଶନ ଧର୍ମୀ ଜନପ୍ରିୟ ଲୋକକଳା। ଏଥିରେ ଏକାଧାରରେ ନୃତ୍ୟ, ଅଭିନୟ, ସଂଗୀତ, ବାଦ୍ୟ, ଉପାଖ୍ୟାନ ଓ ଚରିତ୍ର ସଂଳାପ ଆଦିର ସମ୍ମିଳିତ ଅଭିବ୍ୟକ୍ତି ରହିଛି।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରତନଲାଲ ଶର୍ମା, କାର୍ତ୍ତିକ ପ୍ରସାଦ ବହିଦାର, ଦିବ୍ୟଦର୍ଶନ ସଂଘର ଉପସଭାପତି ଶଙ୍କର୍ଷଣ ଆଚାର୍ଯ୍ୟ, ଦେବାର୍ଚ୍ଚନ ଠାକୁର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପିନାଥ ଷଡ଼ଙ୍ଗୀ ଆଲୋଚନାଚକ୍ର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଦିଲ୍ଲିପ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହାସ୍ୟ ପାଲା କଳାକାର ସୁଧାଂଶୁ ଶେଖର ନାଥ ଓ ମୋହିନୀ ହଂସଙ୍କୁ ସମ୍ମାନିତ କରାଯାଇଥିଲା। ବର୍ଷାରାଣୀ ଅଇନ ଓ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ। ପ୍ରାରମ୍ଭରେ ନିଖିଳ ଓଡ଼ିଶା ପାଲା ପରିଷଦର ସ୍ଥାୟୀ ସଭାପତି ରଜତ କରଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra